
ମାଲକାନଗିରି ସାଉଥକୋ ଅଫିସ


ମାଲକାନଗିରି ପିଏଚଡି ଅଫିସ


ବାଲିମେଳା


ମାଲକାନଗିରି କାଡା


ବାଲିମେଳା


ମାଲକାନଗିରି ପିଡବ୍ଲୁଡି ଅଫିସ


ପାଣ୍ଡ୍ରିପାଣି ।

# ବିଶ୍ୱକର୍ମା ପୂଜାରେ ସଚେତନତା ବାର୍ତ୍ତା

**ମାଲକାନଗିରି, ୧୭।୯ (ଡି.ଏନ.ଏ.)–** ସୋମବାର ମାଲକାନଗିରି ସହରରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱକର୍ମାଙ୍କ ପୂଜା ଧୂମ୍‌ଧାମ୍‌ରେ ପାଳିତ ହେଉଛି । ବିଶେଷ କରି ସାଉଥ୍‌କୋ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ଏବଂ ଗୃହ ନିର୍ମାଣ ବିଭାଗ, କାଡା ବିଭାଗ ସହ ବିଭିନ୍ନ ଶିଳ୍ପାନୁଷ୍ଠାନରେ ପ୍ରଭୁ ବିଶ୍ୱକର୍ମା ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି । ମଣ୍ଡପଗୁଡିକ ବିଭିନ୍ନ ରଙ୍ଗ ବେରଙ୍ଗରେ ସଜ୍ଜିତ ହୋଇଛି । ସୁସଜିତ ତୋରଣ, ଆଲୋକମାଳାରେ ସହର ଝଲସି ଉଠୁଛି । ସୋମବାର ପ୍ରଭାତରେ କଳସ ଯାତ୍ରା, ଗଙ୍ଗାବରଣ, ଅଧିବାସ, ଆଦ୍ୟ ହୋମ, ଆଳତି ପୁଷ୍ପାଞ୍ଜଳି, ହୋମ ଯଜ୍ଞ ସହ ବିଭିନ୍ନ ପୂଜାମଣ୍ଡପରେ ବିଶ୍ୱକର୍ମା ପୂଜା ଚାଲିଛି । ସନ୍ଧ୍ୟାରେ ବିଭିନ୍ନ ମଣ୍ଡପରେ ଭିଡ ଲାଗି ରହିଛି । ପ୍ରତି ମଣ୍ଡପ ପରିସରରେ ଉଠା ଦୋକାନିମାନେ ବିଭିନ୍ନ ପସରା ଖୋଲିଛନ୍ତି । ବିଭିନ୍ନ ମଣ୍ଡପରେ ଭଜନ ସମାରୋହ ଦେଖିବା ପାଇଁ ଲୋକଙ୍କ ଗହଳି ହୋଇଛି । ସହରରେ ୬୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବିଘ୍ନରାଜ ଗଣେଶଙ୍କ ପୂଜା ଚାଲିଥିବା ବେଳେ ଆଜିର ବିଶ୍ୱକର୍ମା ପୂଜାରେ ସହର ମୁଖରିତ ହୋଇଉଠିଛି । ପୋଲିସ ପ୍ରସାଶନ ପକ୍ଷରୁ ପ୍ରତି ପୂଜାମଣ୍ଡପରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।



ମାଲକାନଗିରି ସାଉଥକୋ ପକ୍ଷରୁ ବିଶ୍ୱକର୍ମା ପୂଜା ଅବସରରେ ବିଦ୍ୟୁତ ସଂରକ୍ଷଣ ନେଇ ସଚେତନତା ବାର୍ତ୍ତା ।

**ପାଣ୍ଡ୍ରିପାଣି–** ପାଣ୍ଡ୍ରିପାଣିଠାରେ ବିଶ୍ୱକର୍ମାଙ୍କ ପୂଜା ଆଡମ୍ବର ସହ ପାଳିତ ହୋଇଯାଇଛି । ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ ଏହା ପାଳନ କରାଯାଇଛି । ପାଣ୍ଡ୍ରିପାଣିତସବ୍‌ଷ୍ଟେସନର କର୍ମଚାରୀମାନେ ମନ୍ଦିର ଆକୃତିର ମଣ୍ଡପ ସଜାଇ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି । ସହରର ୧୦ଟି ସ୍ଥାନରେ ବିଶ୍ୱନିୟନ୍ତାଙ୍କା ପୂଜା ହେଉଛି । ଏଥିସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ୟାରେଜରେ ବିଶ୍ୱକର୍ମାଙ୍କ ପୂଜା ହେଉଛି ।

**ବାଲିମେଳା–** ବାଲିମେଳାନଗରଠାରେ ବିଶ୍ୱକର୍ମା ପୂଜା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହେଉଛି । ସୁସଜ୍ଜିତ ମଣ୍ଡପ ଓ ରଙ୍ଗବେରଙ୍ଗର ଆଲୋକମାଳାରେ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ବାଲିମେଳା ଜଳବିଦ୍ୟୁତ କେନ୍ଦ୍ର, ସାଉଥକୋ, ପୋଟେରୁ ଜଳସେଚନ କେନ୍ଦ୍ର ଓ ମା ଦୁର୍ଗା ନିର୍ମାଣ ଶ୍ରମିକ ସଂଘ ତରଫରୁ ଏହି ପୂଜା ଚାଲିଛି । ପୂଜା ଦେଖିବା ପାଇଁ ବହୁ ଜନସମାଗମ ଦେଖିବାକୁ ମିଳିଥିଲା । ସାଉଥକୋ ପୂଜା କମିଟି ତରଫରୁ ପୂଜା ସହିତ ପଲିଥିନମୁକ୍ତ, ବିଦ୍ୟୁତ୍ ବଞ୍ଚାଅ, ପୋଲିସ ଜନସମ୍ପର୍କ ଶିବିର, ପରିବେଶ ସୁରକ୍ଷା ଆଦି ସଚେତନମୂଳକ ବାର୍ତ୍ତା ପ୍ରୋଜେକ୍ଟ ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି ।

## କୋରୁକୋଣ୍ଡାରେ ଭିନ୍ନକ୍ଷମ ସାମର୍ଥ ଶିବିର ଶିବିର

**କୋରୁକୋଣ୍ଡା, ୧୭।୯–** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପରିସରରେ ସୋମବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବ୍ଲକର ୧୨ଟି ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ ୪୯୭ ଜଣ ଭିନ୍ନକ୍ଷମ ଅଂଶଗ୍ରହଣ କରିଥିଲେ । ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିବା ପାଇଁ ମାଲକାନଗିରି ଜିଲାର ଏକ ଡାକ୍ତରୀ ଦଳ ଶିବିରରେ ଯୋଗଦେଇ ଭିନ୍‌ଡ଼୪ମଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ଦେଇଥିଲେ । ବୟସ୍କ ଏବଂ ଚାଲିବାକୁ ଅସମର୍ଥ ବ୍ୟକ୍ତିମାନଙ୍କୁ ବିଭାଗ ତରଫରୁ ହୁଇଲ ଚେୟାର, ଆଶା ବାଡି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ସାବିତ୍ରୀ ପଡିଆମି ଉଦ୍‌ଘାଟନ କରିଥିଲେ । ବିଭାଗୀୟ ସହକାରୀ ଜିଲା ଅଧିକାରୀ ପଦ୍ମ ଚରଣ ଦାସ, କୋରୁକୋଣ୍ଡା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ରବିନ୍ଦ୍ର ମହାରଣା, ଗାୟତ୍ରୀ ଦେବୀ ଏବଂ ବ୍ଲକର ସମସ୍ତ ସିଆରସିସି ଉପସ୍ଥିତ ଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ଦେବେନ୍ଦ୍ର


@ ବିଜୟ


@ ଟଙ୍କଧର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ମିଳିତ ମଞ୍ଚର ପଞ୍ଚାୟତ ପଦଯାତ୍ରା



ମିଳିତ ମଞ୍ଚ ପକ୍ଷରୁ ଦିଆଯାଇଥିବା ଧାରଣା ।

**ମାଲକାନଗିର, ୧୭।୯ (ଡି.ଏନ.ଏ.)** ଚାକିରୀ ସର୍ତ୍ତାବଳୀ ଲାଗୁ ସହ ପୂର୍ଣ୍ଣ ଅନୁଦାନ ଦାବିରେ ତାଲା ବନ୍ଦ ଆନ୍ଦୋଳନ ପରେ ସୋମଠାରୁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଅଧ୍ୟାପକ ମିଳିତ ମଞ୍ଚ ପଞ୍ଚାୟତ ପଦଯାତ୍ରା ଆରମ୍ଭ କରିଛି । ସୋମବାର ମାଲକାନଗିରି ଜିଲାର ଶିକ୍ଷକ ଓ ଅଧ୍ୟାପକମାନେ ଜିଲା ଆବାହକ ଦୁଷ୍ମନ୍ତ ଜେନାଙ୍କ ନେତୃତ୍ୱରେ ମାଲକାନଗିରି ମହିଳା ମହାବିଦ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ପଞ୍ଚାୟତରେ ପଦଯାତ୍ରା କରିଥିଲେ । ପ୍ରଥମେ ପିଟାଗାଟା ଓ ପରେ ମାରିୱାଡ଼ା ପଞ୍ଚାୟତରେ ଏହି ଶିକ୍ଷକ ଓ ଅଧ୍ୟାପକମାନେ ପଦଯାତ୍ରା କରି ସରକାରଙ୍କ ଉଦାସୀନତା ନୀତି ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ । ଶିଖପାଲି ପଞ୍ଚାୟତରେ ମଧ ପଦଯାତ୍ରା ହୋଇଥିଲା । ଜିଲାର ୨୬ଟି ଉଚ୍ଚ ବିଦ୍ୟାଳୟ ଓ ୧୩ଟି ମହାବିଦ୍ୟାଳୟ ଏଥିପାଇଁ ବନ୍ଦ ରହିଛି । ଏହାଦ୍ୱାରା ବିଦ୍ୟାଳୟର ୬ ହଜାର ଓ ମହାବିଦ୍ୟାଳୟର ୪ ହଜାର ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି । ମଞ୍ଚ ସଭାପତି ସରୋଜ ମହାପାତ୍ର, ସମ୍ପାଦକ ଅଜୟ ସ୍ୱାଇଁଙ୍କ ସମେତ ଶତାଧିକ ଶିକ୍ଷକ ଓ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ ।

# ୨୪ରେ ପରୀକ୍ଷା: ପିଲାଙ୍କୁ ମିଳିନି ପୁସ୍ତକ

**କୁନ୍ଦୁରା, ୧୭।୯ (ଡି.ଏନ୍.ଏ.)–** ଆଦିବାସୀ, ହରିଜନ ଛାତ୍ରୀଛାତ୍ରଙ୍କୁ ରହିବା ଖାଇବାଠାରୁ ଆରମ୍ଭ କରି ଡ୍ରେସ୍ , ପୁସ୍ତକ ମାଗଣାରେ ଦିଆଯାଉଥିବା କୁହାଯାଇଛି। କିନ୍ତୁ ବାସ୍ତବ ଚିତ୍ର ଓଲଟା। କୋରାପୁଟ ଜିଲାରେ କୁନ୍ଦୁରା ବ୍ଲକ ଆଦିବାସୀ ଅଧୁଷିତ ତଥା ଦୁର୍ଗମ ଅଞ୍ଚଳ। ଏଠାରେ ୧୬ ଉଚ୍ଚ ବିଦ୍ୟାଳୟର ପ୍ରାୟ ୫୦ ପ୍ରତିଶତ ଆଦିବାସୀ ଓ ହରିଜନ ଏବଂ ୨୦ ଭାଗ ଅନ୍ୟାନ୍ୟ ବର୍ଗର ଛାତ୍ରୀଛାତ୍ର ଅଧ୍ୟୟନରତ । ଏହି ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମାଗଣା ପୁସ୍ତକ ମିଳିନାହିଁ। ବିଦ୍ୟାଳୟ ଖୋଲିବା ୩ ମାସ ବିତିଯାଇଥିଲେ ସୁଦ୍ଧା ପୁସ୍ତକ ମିଳି ନଥିବାରୁ ପିଲାମାନେ ପାଠପଢ଼ା ଚିନ୍ତାରେ ପଡ଼ିଯାଇଛନ୍ତି। । ଚଳିତ ମାସ ୨୪ ତାରିଖରୁ ୨୯ ଯାଏ ନବମ ଶ୍ରେଣୀର ତ୍ରୟମାସିକ ଏବଂ ଦଶମ ଶ୍ରେଣୀର ପ୍ରିଟେଷ୍ଟ ପରୀକ୍ଷା ହେବ । କୁନ୍ଦୁରା ବ୍ଲକରେ ରହିଥିବା ୧୬ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ଆଦିବାସୀ ଉନ୍ନୟନ ଆବାସିକ ବିଦ୍ୟାଳୟ, ଗଣଶିକ୍ଷା ବିଭାଗ ଏବଂ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ରହିଛି । ଏହି ୧୬ ବିଦ୍ୟାଳୟରେ କେବଳ ଦଶମ ଶ୍ରେଣୀରେ ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନରତ ରହିଥିବା ସତ୍ତ୍ୱେ ମଧ୍ୟ ଜିଲା ଶିକ୍ଷା ବିଭାଗ ଏବଂ ବ୍ଲକ୍ ଶିକ୍ଷା ବିଭାଗ ଖାମଖିଆଲ ମନୋଭାବ ଯୋଗୁ ଏ ଯାଏ ମାଗଣା ପୁସ୍ତକ ଯୋଗାଇ ଦିଆଯାଉ ନାହିଁ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଛାତ୍ରୀଛାତ୍ରମାନେ ପୂର୍ବତନ ପିଲାଙ୍କଠାରୁ ପୁରୁଣା ବହି ନେଇ ପଢୁଥିବା ଦେଖିବାକୁ ମିଳିଛି । କେବଳ ୧୦ ପ୍ରତିଶତ ଛାତ୍ରୀଛାତ୍ର ପୁସ୍ତକ ମାଗି ପଢୁଥିବାବେଳେ ଅନ୍ୟମାନଙ୍କ ନିକଟରେ ନାହିଁ। ବଜାରରେ ମଧ ପୁସ୍ତକ ବିକ୍ରି ହେଉନାହିଁ । ଯଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ହୋଇପାରୁ ନ ଥିବା ଜଣାପଡ଼ିଛି । ଏହାକୁ ନେଇ କୁନ୍ଦୁରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀଙ୍କୁ ପଚାରିବାରୁ ଏ ଘଟଣାରେ ସେ ମର୍ମାହତ ଥିବା ପ୍ରକାଶ କରିଛନ୍ତି। ଜିଲାସ୍ତରରୁ ବହି ଆସିଲେ ବିଦ୍ୟାଳୟଗୁଡିକୁ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସୋମବାରଠାରୁ ନୋଡ଼ାଲ ହାଇସ୍କୁଲଗୁଡ଼ିକୁ ପୁସ୍ତକ ବଣ୍ଟନ କରାଯିବା ପାଇଁ ସମୟ ନିର୍ଘଣ୍ଟ ହୋଇଥିବା ଜଣାପଡ଼ିଛି।

## ବାଲିମେଳା ମହାବିଦ୍ୟାଳୟରେ ମୁଁ ହିରୋ କାର୍ଯ୍ୟକ୍ରମ

**ବାଲିମେଳା, ୧୭।୯–** ମାଲକାନଗିରି ଜିଲା ବାଲିମେଳା ସଦର ମହକୁମା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ମୁଁ ହିରୋ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ମହାବିଦ୍ୟାଳୟ ଅଧକ୍ଷ ଡ. ଏମ.ବି. ସୁବୁଦ୍ଧି ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଓର୍‌କେଲ ଥାନା ଏସଆଇ ସୋଭାଗ୍ୟ ପାଣି , ଏଇଓ ଲେଙ୍କେଶ୍ୱର ଲାଗରି, ଉପ ନଗରପାଳ କୁକୁଲୁ ପ୍ରଧାନ, କୋରୁକୋଣ୍ଡା ବ୍ଲକ ଡବ୍ଲ୍ୟୁଇଓ ପ୍ରଶାନ୍ତ ବାଉରି ଅତିଥି ଭାବେ ଯୋଗ ଦେଇଥିଲେ । ଭୁବନେଶ୍ୱରରୁ ଆସିଥିବା ମୁଁ ହିରୋ କଳାକାରମାନଙ୍କ ନାଟକ ପରିବେଷଣ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବିଜୁ ଯୁବ ବାହିନୀର କୋର୍ଡିନେଟର ଅମଳ ଭୂମିଆ, ବାଲିମେଳା ଏସ.ଏ.ସି.ର କୋର୍ଡିନେଟର ନିଳାବତୀ ହିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବଜ୍ରପାତରେ ମହିଳା ଗୁରୁତର

**କାଲିମେଳା, ୧୭।୯ (ଡି.ଏନ.ଏ)** ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ବଡିଗେଟା ପଞ୍ଚାୟତର ଏମପିଭି–୩୨ଗ୍ରାମର ଆନନ୍ଦ ବିଶ୍ୱାସଙ୍କ ସ୍ତ୍ରୀ ରୀତା ବିଶ୍ୱାସ ସୋମବାର ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନରେ ସେ ନିଜ ଘର ସମ୍ମୁଖରେ ବସିଥିବା ବେଳେ ବଜ୍ରପାତ ହେବାରୁ ରୀତା ଅଚେତ ହୋଇପଡିଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କାଲିମେଳା ମେଡିକାଲରେ ଭର୍ତ୍ତି କରଛନ୍ତି। କାଲିମେଳା ଅଞ୍ଚଳରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଛି।

## ପର୍ଯ୍ୟବେକ୍ଷକଙ୍କ ବିଭିନ୍ନ ପଞ୍ଚାୟତ ଗସ୍ତ

**କୁଡୁମୁଲୁଗୁମ୍ମା, ୧୭।୯ (ଡି.ଏନ୍.ଏ.)–** ଖଇରପୁଟ ବ୍ଲକ ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ମହାନ୍ତ ରବିବାର ପଞ୍ଚାୟତ ସମିତି ଅନ୍ତର୍ଗତ ବଡ଼ଡୁରାଲ, ମାଡକାପଦର ଅଣ୍ଡ୍ରାହାଲ ଓ ମୁଦୁଲିପଡା ଆଦି ପଞ୍ଚାୟତ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ସରକାରୀ ଯୋଜନାର ସଫଳତା ନେଇ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁଥିବା ଯୋଜନାଗୁଡିକ ମଧ୍ୟ କିଭଳି ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିବ ସେନେଇ ଗୁରୁତ୍ୱାରୋପ ପ୍ରଦାନ କରିଥିଲେ । ବିଭିନ୍ନ ପଞ୍ଚାୟତରେ ଗଠିତ ୱାର୍ଡ କମିଟିଗୁଡିକୁ ଯାଞ୍ଚ କରି ଆବଶ୍ୟକ ସ୍ଥଳେ କମିଟିକୁ ଗଠନ କରିଥିଲେ ।





ଭୀରୁ ବାରମ୍ବାର ମରେ; କିନ୍ତୁ ସାହସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ।
- ନେପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଅଟକ

**ଜୟପୁର,୧୭।୯(ନି.ପ୍ର/ଡି.ଏନ୍.ଏ.):** ଜୟପୁର ସହରରେ ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ଟାଉନ ପୋଲିସ ଜଣକୁ ଅଟକ ରଖିଛି ।ଯୁବତୀଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ବଳାତ୍କାର ଉଦ୍ୟମ କରିଥିବା ଯୁବତୀ ଜଣକ ଥାନରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ୨୬୦/୧୮ ମାମଲା ରୁଜୁକରି ତଦନ୍ତ କରୁଥିବା ଏସ୍ଆଇ ଶିବଶଙ୍କର ସାହୁ ସୂଚନା ଦେଇଛନ୍ତି।

### ଜଳାତଙ୍କରେ ଗୁରୁତର ଭିକ୍ଷୁକ ଡାକ୍ତରଖାନାରେ ଭର୍ତ୍ତି

**କୋଲାବନଗର,୧୭।୯(ଡି.ଏନ୍.ଏ):** ଜଣେ ଭିକ୍ଷୁକ ଜଳାତଙ୍କରେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଜଣଙ୍କ କୋରାପୁଟ ସଦର ବ୍ଲକ୍ ଅନ୍ତର୍ଗତ ବଡ଼ବେରେଙ୍ଗା ପଞ୍ଚାୟତ ବଡ଼ନାୟକ ଗ୍ରାମର ଧନ ଜାନୀ(୪୦)। ତାଙ୍କ ପୈତୃକ ଘର ବାଘ୍ର ଗ୍ରାମରେ। ପରିବାର ଅନ୍ୟ ସମସ୍ତ ସଦସ୍ୟ ମୃତ୍ୟୁବରଣ କରିଥିବାରୁ ଧନ ଏବେ ଅସହାୟ ହୋଇ ଭିକ୍ଷାମାଗି ଚଳୁଛନ୍ତି। ସେ ପଞ୍ଚାୟତର ଏକ କ୍ୟାବିନରେ ଆଶ୍ରୟ ନେଇଆସୁଛନ୍ତି। ଦୁଇମାସ ତଳେ ଧନଙ୍କୁ କୁକୁର କାମୁଡ଼ି ଥିଲା। ସେତେବେଳେ ସେ ଚିକିତ୍ସିତ ହୋଇ ନ ଥିବାରୁ ତାଙ୍କୁ ଏବେ ଜଳାତଙ୍କ ହୋଇଛି। ସେ ଗୁରୁତର ହୋଇ ନ ଖାଇ ପଡ଼ିଥିବାରୁ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଆମ୍ବୁଲାନ୍ସ ଡକାଇ ତାଙ୍କୁ କୋରାପୁଟ ବଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି। ସରକାର ସହାୟତା ରାଶି ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

### 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ



**ବୋରିଗୁମ୍ମା, ୧୭।୯(ଡି.ଏନ୍.ଏ.):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ଭୈରବ ଜୁନିୟର ମହାବିଦ୍ୟାଳୟରେ 'ସ୍ୱଚ୍ଛତା ହିଁ ସେବା' ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ବିଡିଓ ଯୋଗେନ୍ଦ୍ର ମାଝି ଓ ସମ୍ମାନିତ ଅତିଥିଭାବେ ସରପଞ୍ଚ ଚନ୍ଦ୍ରିକା ଜାନି, ମହାବିଦ୍ୟାଳୟ ଅଧକ୍ଷ ଦାଶରଥୀ ଗୌଡ, ଅଧାପକ ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଦାରିଦ୍ର୍ୟ, ଦୁର୍ନିତୀ, ଆତଙ୍କବାଦ, ଜାତିମୁକ୍ତ ସମାଜ ଗଠନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏକ ସୁସ୍ଥ ଓ ସ୍ୱଚ୍ଛ ରାଷ୍ଟ୍ର ଗଠନରେ ଏହା ଉପଯୋଗୀ ହୋଇପାରିବ ବୋଲି ଅତିଥିମାନେ ମତ ଦେଇଥିଲେ। କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ଜୟପୁର ଶାଖା ପ୍ରଭାରୀ ଜ୍ୟୋର୍ତିମୟ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜୁ ଯୁବ ବାହିନୀଙ୍କୁ ୟୁନିଫର୍ମ ପ୍ରଦାନ

**ଦଶମନ୍ତପୁର, ୧୭।୯(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟରେ ବିଜୁ ଯୁବ ବାହିନୀକୁ ୟୁନିଫର୍ମ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ରଜନୀକାନ୍ତ ଦାଶ ଓ ସମ୍ମାନିତ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ତଥା ବ୍ଲକ ଉପାଧକ୍ଷା ନାରାୟଣ ବିଶୋଇ, ଏସ୍‌ଡିପିଓ ନମିତା ପଣ୍ଡା, ସୁରେଶ ସୁବୁଦ୍ଧି ଉପସ୍ଥିତ ରହି ବ୍ଲକର ୧୬ ପଞ୍ଚାୟତର ଉପସ୍ଥିତ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ୟୁନିଫର୍ମ ଦେଇଥିଲେ। ଅତିଥିମାନେ ଯୁବ ବାହିନୀର କାର୍ଯ୍ୟ, ଲକ୍ଷ୍ୟ ଓ ଭୂମିକା ସମ୍ପର୍କରେ ଜଣାଇଥିଲେ।

### ବ୍ଲକ କାର୍ଯ୍ୟାଳୟରେ ପ୍ରଥମ ଥର ପାଇଁ ବିଶ୍ୱକର୍ମା ପୂଜା



**ଦଶମନ୍ତପୁର, ୧୭।୯(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ ସ୍ଥାପନର ୫୬ ବର୍ଷ ପରେ ପ୍ରଥମ ଥର ପାଇଁ ବିଶ୍ୱକର୍ମା ପୂଜା କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ରଜନୀକାନ୍ତ ଦାଶ ଏବଂ ସହକାରୀ ଯନ୍ତ୍ରୀ ଦାଶରଥି ମୁର୍ମୁଙ୍କ ତତ୍ତ୍ୱାବଧାନରେ ଏହି ପୂଜାରେ କନିଷ୍ଠ ଯନ୍ତ୍ରୀ ହଳଧର ଶିଆଳ, ତରୁଣ ନାୟକ, ନାରାୟଣ ଚନ୍ଦ୍ର ଦେଓ, ବୁକୁଲ ଚନ୍ଦ୍ର ମୁର୍ମୁ, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଦାମନଯୋଡ଼ି ଟାଉନ୍‌ସିପ୍ ବିଦ୍ୟୁତ୍ କାର୍ଯ୍ୟାଳୟ ।



ଜୟପୁର ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ



ସେମିଳିଗୁଡ଼ା ପୂଜା କମିଟି



କୋଟପାଡ଼

# ନିର୍ମାଣ ଶିଳ୍ପୀଙ୍କ ଆଗମନରେ ସବୁଠି ଉତ୍ସବ ମୁଖର

**କୋରାପୁଟ,୧୭।୯(ସ୍ୱ.ପ୍ର):** ବିଶ୍ୱକର୍ମା ପୂଜା ପାଇଁ କୋରାପୁଟ ଉତ୍ସବ ମୁଖର ହୋଇଛି। ଚଳିତ ବର୍ଷ କୋରାପୁଟ ସହରର ୧୫ଟି ପୂଜା କମିଟି ପକ୍ଷରୁ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଛି। ପରଜା ସାହିସ୍ଥିତ ସାଉଥ୍-କୋ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ପୂଜାରେ କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ମାର୍ଥା କର୍ତ୍ତା ଭାବେ ହୋମରେ ବସିଥିଲେ । ଏହି ଅବସରରେ ପୂଜା କମିଟର ସମ୍ପାଦକ ବଂଶିଧର ପାତ୍ର ,ଯୋଗେନ୍ଦ୍ର ଶୁକ୍ଳା, ରବୀନ୍ଦ୍ର ରାଉତ,ବଳରାମ ମହାନ୍ତି, ଅଟଳ ଅଜିତ କୁମାର, ନିହାରରଞ୍ଜନ ପାତ୍ର ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ସହରର ବିଏସ୍‌ଏନ୍‌ଏଲ୍ ମୁଖ୍ୟ କାର୍ଯ୍ୟାଳୟ, ଯାନ୍ତ୍ରୀକ ବିଭାଗ, କୋରାପୁଟ ଆଇଟିଆଇ ,ପ୍ରଗତୀ ଗ୍ୟାରେଜ, ଦକ୍ଷିଣ ଓଡିଶା ବିଶ୍ୱକର୍ମା ସମାଜ,ଭାରତୀୟ ମଜଦୁର ସଂଘ, ଅମିନ ଲାଇନସ୍ଥିତ ପୋଲିସ ଗ୍ୟାରେଜ ,ରେଲେୱେ ଷ୍ଟେସନ, ରେଲୱେ ସିଗନାଲ ବିଭାଗ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ, ଗ୍ରାମୀଣ ପାନୀୟଜଳ ବିଭାଗ ସମେତ ବିଭିନ୍ନ ସ୍ଥାନରେ ପୂଜା ପାଳିତ ହୋଇଛି।



ପରଜାସାହି ସାଉଥ୍‌କୋ କାର୍ଯ୍ୟାଳୟ ।

## ଜୟପୁର ଅଞ୍ଚଳରେ ବିଶ୍ୱକର୍ମାଙ୍କ ଆରାଧନା

**ଜୟପୁର,୧୭।୯(ନି.ପ୍ର/ଡି.ଏନ୍.ଏ.)** ସୋମବାର ଜୟପୁର ସହରର ଏବଂ ଆଖାପାଖ ଗ୍ରାମାଞ୍ଚଳରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି । ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜ, ବିଦ୍ୟୁତ୍ ବିଭାଗ ଗ୍ୟାରେଜ ଏବଂ ୩ଟି ଡିଭିଜନ କାର୍ଯ୍ୟାଳୟ, ଏମ.ଆର.ଟି ଡିଭିଜନ, ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳୟ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ, ମୋଟର ୟୁନିୟନ, ଶ୍ରଦ୍ଧା ବିଦ୍ୟୁତ୍ ସଂଯୋଗୀକରଣ, କାଳିଆ ଗାଁ ଏନ୍‌ଏଚ୍‌ପିସି, ଜୟନଗର ପାୱାର ଗ୍ରୀଡ ପ୍ରଭୃତି ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ସେହିପରି ଦକ୍ଷିଣ ଓଡ଼ିଶା ବିଶ୍ୱକର୍ମା ସମାଜ ଜୟପୁର ତରଫରୁ ପାରାବେଡା ଲୋକନାଥ ମନ୍ଦିର ନିକଟରେ ତାଲୁକାର ୧୪ ତମ ବିଶ୍ୱକର୍ମା ପୂଜା ଆନ୍ତଃରାଜ୍ୟ ସାଧାରଣ ସମ୍ପାଦକ ସାହେବ ମହାରଣାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଛି । ତାଲୁକା ସଭାପତି ଲକ୍ଷ୍ମଣ ମହାରଣା, ଉଦୟ ନାଥ ମହାରଣା, ସୂର୍ଯ୍ୟଭାନୁ ମହାରଣା, କାଶୀନାଥ ମହାରଣା, ଭୁବନେଶ୍ୱର ମହାରଣା ପ୍ରମୁଖ ଉପସ୍ଥିତ ରହି ପୂଜାରେ ସହଯୋଗ କରିଥିଲେ।



ଜୟପୁରଠାରେ ବିଶ୍ୱକର୍ମା ପୂଜା ।

## ସରକାରୀ ଯୋଜନା ସମ୍ବନ୍ଧୀୟ ତାଲିମ ଶିବିର



ବୈଠକରେ ଉପସ୍ଥିତ ଅଧିକାରୀମାନେ।

**କୋରାପୁଟ,୧୭।୯(ସ୍ୱ.ପ୍ର)** ସ୍ଥାନୀୟ ଟାଉନ ହଲରେ କୋରାପୁଟ ବ୍ଲକସ୍ତରୀୟ ବିଭିନ୍ନ ସରକାରୀ ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ ଏବଂ ଓଡିଶା ଲୋକସେବା ଅଧିକାର ଅଧିନିୟମ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କୋରାପୁଟ ତହସିଲଦାର ନେହେରୁ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ କର୍ମଚାରୀମାନଙ୍କୁ ସଚେତନ କରାଇଛନ୍ତି। ଦୁଇଦିନଧରି ଚାଲିବାକୁଥିବା ଏହି ଶିବିରରେ ଓଡିଶା ସରକାରଙ୍କ ଲୋକ ସେବା ଅଧିକାର ଅଧିନିୟମ, କେନ୍ଦ୍ରୀୟ ଯାଞ୍ଚ ଅଧିନିୟମ, ଶିକ୍ଷା ଅଧିକାର ଆଇନ, ଜାତୀୟ ଖାଦ୍ୟ ଆଇନ ସମ୍ପର୍କରେ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ବିଡିଓ ସୁରେନ୍ଦ୍ର ନାୟକ, ବ୍ଲକ ଅଧକ୍ଷା ନମିତା ମାଝି, ଅତିରିକ୍ତ ତହସିଲଦାର ସସ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ପଞ୍ଚାୟତ ଅଧିକାରୀ ଓ ଜିଆରଏସ୍‌ମାନେ ଉପସ୍ଥିତ ଥିଲେ। ମାନସ କୁମାର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲୋକଙ୍କୁ ସଚେତନ କଲେ ମୋଟର ଚାଳକ ସଂଘ

**ବୋରିଗୁମ୍ମା, ୧୭।୯(ଡି.ଏନ୍.ଏ.)** ବୋରିଗୁମ୍ମାରେ ଓଡିଶା ମୋଟର ଚାଳକ ସଂଘ ପକ୍ଷରୁ ସୋମବାର ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡରୁ ପଦଯାତ୍ରା ବାହାରି ନଗର ପରିକ୍ରମା କରି ତହସିଲ ଓ ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଥିଲା। ଗାଡି ଚଲେଇବା ବେଳେ ଡ୍ରାଇଭିଂ ଲାଇସେନ୍ସ ଓ ଆବଶ୍ୟକୀୟ କାଗଜପତ୍ର ପାଖରେ ରଖିବା, ଦ୍ରୁତ ଗତି ମହା ବିପତ୍ତି, ନିଶା ସେବନ କରି ଗାଡି ନ ଚଲାଇବାକୁ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ନୀଳମାଧବ ସଂଘ ସଭାପତି ମୁନା ଦୋରା, ଅଲ୍ ଓଡିଶା ଡ୍ରାଇଭିଂ ୟୁନିୟନ ବୋରିଗୁମ୍ମା ଶାଖା ସଭାପତି ମନ୍ମଥ ମାଝି, ଟ୍ରାକ୍ଟର ୟୁନିୟନ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ ପଣ୍ଡା, ବାବୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

- ନିଖିଳ ଓଡ଼ିଶା ଅଙ୍ଗନୱାଡି ପରିଚାରିକା, ସହାୟିକା ସାମ୍ମୁଖ୍ୟର ଜିଲାସ୍ତରୀୟ ବୈଠକ

## ଅଙ୍ଗନୱାଡି କର୍ମୀଙ୍କୁ ଅଣଦେଖା କରୁଛନ୍ତି କେନ୍ଦ୍ର ସରକାର

- ୯ଦଫା ଦାବି ସମ୍ପର୍କରେ ଆଲୋଚନା
- ୨୩ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ସଂଘ କର୍ମକର୍ତ୍ତା
- ସଂଘର ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ

**କୋରାପୁଟ, ୧୭।୯(ସ୍ୱ.ପ୍ର.)** କୋରାପୁଟ ଜଗନ୍ନାଥ ମନ୍ଦିର ଯାତ୍ରୀ କୁଟୀର ସଭାଗୃହରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ଦ୍ୱାରା ପରିଚାଳିତ ନିଖିଳ ଓଡ଼ିଶା ଅଙ୍ଗନୱାଡି ପରିଚାରିକା ଓ ସହାୟିକା ସାମ୍ମୁଖ୍ୟ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ବିଭିନ୍ନ ବ୍ଲକରୁ ବହୁ ଅଙ୍ଗନୱାଡି କର୍ମୀ ଯୋଗଦେଇ ଥିଲେ। କୋରାପୁଟ ଜିଲା ବିଜେଡି ପ୍ରଭାରୀ ତଥା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ବୈଠକରେ ଯୋଗଦେଇ ସାମ୍ମୁଖ୍ୟ କର୍ମକର୍ତ୍ତାଙ୍କ ସହ ସେମାନଙ୍କର ରହିଥିବା ୯ ଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ।

କେନ୍ଦ୍ର ସରକାର ଅଙ୍ଗନୱାଡ଼ି କର୍ମୀଙ୍କୁ ଅଣଦେଖା କରୁଛନ୍ତି, ତେଣୁ ବହୁ ଅଙ୍ଗନୱାଡି କର୍ମୀ ବିଏମ୍‌ଏସ୍ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ସଂଘ ଛାଡି ବିଜୁ ଶ୍ରମିକ ସାମ୍ମୁଖ୍ୟ ଦ୍ୱାରା ପରିଚାଳିତ ନିଖିଳ ଓଡ଼ିଶା ଅଙ୍ଗନୱାଡି ପରିଚାରିକା ଓ ସହାୟିକା ସାମ୍ମୁଖ୍ୟରେ ଯୋଗ ଦେଇଛନ୍ତି ବୋଲି ବୈଠକରେ ଆଲୋଚନା ହୋଇଥିଲା। ସଂଘର ବିଭିନ୍ନ ସମସ୍ୟା ନେଇ ଆସନ୍ତା ୨୩ ତାରିଖରେ ସଂଘ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି। ବୈଠକରେ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ଦାସ, ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରବି ନନ୍ଦ, ପଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଉପସ୍ଥିତ ଥିଲେ। ଅଙ୍ଗନୱାଡି କର୍ମୀଙ୍କ ଅସୁବିଧା ବିଷୟରେ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ସଂଘ ସମ୍ପାଦିକା ଝୁନୁ ମହାନ୍ତି ବୈଠକ ପରିଚାଳନା କରିଥିଲେ। ଶେଷରେ ଉପଦେଷ୍ଟା ସୁନ୍ଦର କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଉପଦେଷ୍ଟା ପଙ୍କଜ ପାତ୍ର, ସଭାପତି ରେଣୁବାଳା ଶତ୍ରୁଶଲ୍ୟ, କୋଷାଧକ୍ଷ ସତ୍ୟଭାମା, ଜିଲା କାର୍ଯ୍ୟକାରୀ ସଭାପତି ଜ୍ୟୋତି ମହିନୀ ଖସଲା ପ୍ରମୁଖ ଉପସ୍ଥିତ ଥିଲେ।

- ଅଜଣା ରୋଗରେ ମୃତ୍ୟୁ ଘଟଣା

## ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କଲେ ପ୍ରଶାସନ, ରାଜନେତା

**ପଟ୍ଟାଙ୍ଗି,୧୭।୯(ଡି.ଏନ.ଏ):** କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ ଅଧୀନ ୱାର୍ଡ-୭ର ଯୋଗିନାୟକ ଗୁଡ଼ା ଓ ସିନ୍ଦେଇ ଗ୍ରାମରେ ଅଜଣା ରୋଗରେ ୧୨ ଦିନ ମଧ୍ୟରେ ୪ ଜଣଙ୍କ ମୃତ୍ୟୁ ଘଟଣା ପ୍ରଥମେ 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଏନେଇ ଜିଲା ପ୍ରଶାସନ ତତ୍ପରତା ଦେଖାଇଛି। ରାଜନେତାମାନେ ମଧ୍ୟ ସକ୍ରିୟ ହୋଇପଡ଼ିଛନ୍ତି। ଉକ୍ତ ଦୁଇ ଗାଁକୁ ସୋମବାର କଂଗ୍ରେସର ପୂର୍ବତନ ବିଧାୟକ ତଥା ଜିଲା କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର କାଡାମ , ସ୍ଥାନୀୟ ବ୍ଲକ ଜୋନ୍-୧ର ସଭାପତି ନୃସିଂହ ନାଥ ବେହେରା ଓ ଅର୍ଜୁନ ବାଙ୍କା ପହଞ୍ଚି ମୃତ ପରିବାରବର୍ଗଙ୍କୁ ମୃତ୍ୟୁ କାରଣ ସମ୍ପର୍କରେ ପଚାରି ବୁଝିଛନ୍ତି। ଗ୍ରାମବାସୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। । ଜିଲାପାଳ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି କରିଛନ୍ତି। ସେହିପରି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସ୍ୱାସ୍ଥ୍ୟ ଅଧିକାରୀ ଲଳିତ କୁମାର ରଥଙ୍କ ନିର୍ଦ୍ଦେଶ କ୍ରମେ ଡାକ୍ତର ଅନିଲ ସାହୁ , ସୁପଭାଇଜର କେ. ଆର ପଲେଇ ଓ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଆଶୁତୋଷ ପ୍ରଧାନ , ଏମ୍.ଏଚ.ୟୁ ଡାକ୍ତର ଦୁର୍ଗା ମାଧବ ପଣ୍ଡା , ପିଏଚ୍‌ଇଓ ବିଜୟ ଖିଲ , ଏମ୍‌ପିଏଚ୍‌ଏସ୍ ଛବିଲାଲ ବେହେରା , ଏମ୍‌ଟିଏସ୍ ନୀଳକଣ୍ଠ ପାଣି , ଏଏନ୍ ଏମ୍ ଚାନ୍ଦିନୀ ଚୌଧୁରୀ ଏବଂ ରବୀନ୍ଦ୍ର ତ୍ରିପାଠୀ ପ୍ରମୁଖ ଉକ୍ତ ଦୁଇ ଗ୍ରାମରେ ପହଞ୍ଚିଥିଲେ। ଲୋକଙ୍କୁ ଘଟଣାର କାରଣ ପଚାରି ବୁଝିଥିଲେ । ହଠାତ୍ ପେଟ ଫୁଲିବା ସହ ଯନ୍ତ୍ରଣା ହେଉଥିବା ମୃତ୍ୟୁର କାରଣ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ ।

# ୭୦ ଅଭିଯୋଗ ଶୁଣିଲେ ଜିଲାପାଳ

**ପଟ୍ଟାଙ୍ଗି,୧୭।୯(ଡି.ଏନ.ଏ):** କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସରରେ ଏଫଆଇସି ସଭାଗୃହରେ ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳ ବ୍ଲକର ବିଭିନ୍ନ ପଞ୍ଚାୟତର ୭୦ ଅଭିଯୋଗ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ରାସ୍ତା , ଡ୍ରେନ , ଜଙ୍ଗଲ ଜମି ଆଇନ ମାଧ୍ୟମରେ ମାଳିପୁଟ ପଞ୍ଚାୟତର ଏରାସାନ୍ତାଗୁଡ଼ା ଗ୍ରାମବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା , ଚନ୍ଦକା ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ,ପେଟୁ ପଞ୍ଚାୟତରେ ବିଦ୍ୟୁତ୍ ସେବା , କମ୍ୟୁନିଟି ଗୃହ ନିର୍ମାଣ ଅଭିଯୋଗ ଶୁଣିଛନ୍ତି ଜିଲାପାଳ।

କୋଟିଆ ପଞ୍ଚାୟତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ତାପସ ପଣ୍ଡାଙ୍କ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ବାତିଲ କରିବା ପାଇଁ ପଞ୍ଚାୟତ ବାସିନ୍ଦା ଲିଖିତ ଦାବି ଜଣାଇଥିଲେ । କୁନ୍ଦୁରା ଅଧୀନ ଶିଶୁ ବିକାଶ ବିଭାଗର ବରିଷ୍ଠ କିରାଣି ସତୀଶ ବୋଇନିଙ୍କୁ ଅନ୍ୟତ୍ର ବଦଳି ହୋଇଥିବାରୁ ସେ ନିଜେ ଜିଲାପାଳଙ୍କୁ ସାକ୍ଷାତ କରି ତାଙ୍କ ବଦଳି ବାତିଲ କରିବାକୁ ଲିଖିତ ଭାବେ ଜଣାଇଥିଲେ । 'ଧରିତ୍ରୀ'ରେ ପ୍ରକାଶିତ ମାଳିପୁଟ ପଞ୍ଚାୟତ ଅଧୀନ ଡୁମୁରିଗୁଡା ଗ୍ରାମର ପାଦ୍ଦି ପରିବାର ରୋଗ ଘଟଣାରେ ପୀଡ଼ିତା ପାଦ୍ଦି ଦାନୁ ଓ ପାଦ୍ଦି ସୁବର୍ଣ୍ଣଙ୍କୁ ଜିଲାପାଳଙ୍କ ସାକ୍ଷାତ କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲା। ଚିକିତ୍ସା ନିମନ୍ତେ ସହାୟତା ରାଶି ପ୍ରଦାନ କରିବାକୁ ଜିଲାପାଳ ଘୋଷଣା କରିଛନ୍ତି।

ସେହିପରି ଉକ୍ତ ମାଳିପୁଟ ପଞ୍ଚାୟତ ଅଧୀନ ଯୋଗିନାୟକ ଗୁଡ଼ା ଓ ସିନ୍ଦେଇ ଦୁଇ ଗ୍ରାମରେ ଗତ ୧୨ ଦିନ ମଧ୍ୟରେ ୪ ଜଣଙ୍କ ଅଜଣା ରୋଗରେ ମୃତ୍ୟୁକୁ ନେଇ 'ଧରିତ୍ରୀ'ରେ ପ୍ରଥମେ ପ୍ରକାଶ ପାଇବା ପରେ ଡାକ୍ତରୀ ଦଳ ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରି ଜିଲାପାଳଙ୍କୁ ଲିଖିତ ରିପୋର୍ଟ ପ୍ରଦାନ କରିଥିଲେ । ରିପୋର୍ଟକୁ ନେଇ ଅଭିଯୋଗ ଶୁଣାଣି ସମୟରେ ଭିନ୍ନମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଜିଲା ଏସ୍‌ପି କନୱର ବିଶାଳ ସିଂହ, ଜିଲା ପିଡି ଡିଆରଡିଏ ଦେବେନ କୁମାର ପ୍ରଧାନ ,ବିଧାୟକ ପ୍ରଫୁଲ୍ଲ ପାଙ୍ଗି , ପଞ୍ଚାୟତ ସମିତି ଅଧକ୍ଷ ଜଗତଜ୍ୟୋତି ପାଙ୍ଗି , ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣାକର ପ୍ରଧାନ , ତହସିଲଦାର ଅରୁଣ ଖଣ୍ଡା ପ୍ରମୁଖ ପଦାଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ସେପ୍ଟେମ୍ବର ୧୮/୨୦୧୮ Rayagada, Tuesday, September 18/ 2018

## ସଂକ୍ଷେପରେ

### ବୃଦ୍ଧାଙ୍କ ଆତ୍ମହତ୍ୟା

ଡାବୁଗାଁ, ୧୭।୯ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ ଗ୍ରାମର ସରସ୍ୱତୀ ପାଇକ (୫୦) ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଡାବୁଗାଁ ଥାନାରେ ସୋମବାର ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତ୍ରିରେ ସରସ୍ୱତୀ ପାଇକ ନିଜ ଶୋଇବା ଘର ଦୁଲମରେ ବେକରେ ଗାମୁଛା ବାନ୍ଧି ଆତ୍ମାହତ୍ୟା କରିଥିଲେ । ରାତ୍ରିରେ କିଛି ଚିତ୍କାର ଶବ୍ଦ ଶୁଣାଯିବାରୁ ପୁଅ ରାମକୃଷ୍ଣ ପାଇକ ବାହାରେ ଯାଇ ଦେଖିଥିଲେ। ପରେ ମା' ଶୋଇଥିବା ଘରକୁ ଯାଇ ଦେଖିଥିଲେ ଯେ ତାଙ୍କ ମା' ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି । ଏନେଇ ରାମକୃଷ୍ଣ ସୋମବାର ସକାଳେ ଡାବୁଗାଁ ଥାନାରେ ଏତେଲା ଦେଇଥିଲେ । ଏଏସଆଇ ସଲମନ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଥାନାରେ ନଂ .୨୯/୧୮ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

### ବିଷ ଖାଇ ଜଣେ ମୃତ

ଡାବୁଗାଁ, ୧୭।୯ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ କେନ୍ଦୁଗୁଡା ଗ୍ରାମର ଇଶ୍ୱର ସାନ୍ତା (୪୫) ବିଷ ଖାଇ ଆତ୍ମହତ୍ୟା କରିଥିବା ସୋମବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ଡାବୁଗାଁ ଥାନା ଅଧୀନ କେନ୍ଦୁଗୁଡା ଗ୍ରାମର ଇଶ୍ୱର ଗତ ବୁଧବାର ଅପରାହ୍ନରେ କୌଣସି କାରଣରୁ ବିଷ ଖାଇ ଦେଇଥିଲେ । ତାଙ୍କୁ ପରିବାର ଲୋକେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ମୃତକଙ୍କ ଭାଇ କ୍ରୀଷ୍ଣା ସାନ୍ତା ସୋମବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଏଏସଆଇ ଗଣେଶ ଚନ୍ଦ୍ର ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଥାନାରେ ନଂ ୩୦/୧୮ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# ହଷ୍ଟେଲ ସମସ୍ୟା ଜଣାଇବା ପାଇଁ ଚାଲି ଚାଲି ଆସିଲେ ଛାତ୍ରୀ

## ରାସ୍ତାରୁ ଫେରାଇନେଲେ ପ୍ରଧାନଶିକ୍ଷକ

କୋଷାଗୁମୁଡା,୧୭।୯(ଡି.ଏନ.ଏ)

ହଷ୍ଟେଲ ସମସ୍ୟା ଜିଲା ମଙ୍ଗଳ ଅଧିକାରୀଙ୍କୁ ଜଣାଇବା ପାଇଁ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବଡଆମ୍ବଡା ସରକାରୀ ଉଚ୍ଚ ବିଦ୍ୟାଳୟର ୧୨ ଛାତ୍ରୀ ସୋମବାର ଭୋରୁ ହଷ୍ଟେଲରୁ ବାହାରି ଚାଲି ଚାଲି କୁସୁମପାଲୀ ଛକରେ ପହଞ୍ଚିଥିଲେ। ପ୍ରଧାନଶିକ୍ଷକ ବୋଲେରୋରେ ଯାଇ ଛାତ୍ରୀମାନଙ୍କୁ ବୁଝାସୁଝା କରି ଅଧା ବାଟରୁ ହଷ୍ଟେଲ ଫେରାଇ ଆଣିଥିଲେ। ଛାତ୍ରୀମାନେ ଅଭିଯୋଗ କରିଛନ୍ତି ବିଦ୍ୟାଳୟରେ ଭଲ ପନିପରିବା ଖାଇବାକୁ ଦିଆଯାଉ ନାହିଁ। ବଜାରରୁ ପନିପରିବା ଅଳ୍ପ ଅଣାଯାଉଛି। ପ୍ରତ୍ୟେକ ଦିନ ସୁଜି ଉପମା ଦିଆଯାଉ ନାହିଁ। ହଷ୍ଟେଲରେ ସୋଲାର ଲାଇଟ ଦିଆଯାଉ ନାହିଁ। ପ୍ରତ୍ୟେକ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଖାତା, କମ୍ପାସ ଆସୁଥିଲେ ମଧ୍ୟ ୨ ବର୍ଷ ହେଲା ଦିଆଯାଉ ନାହିଁ। ନବରଙ୍ଗପୁର ଯାଇ ଜିଲା ମଙ୍ଗଳ ଅଧିକାରୀଙ୍କୁ ଏହି ସମସ୍ୟା ସମ୍ପର୍କରେ ଜଣାଇ ଥାନ୍ତୁ ବୋଲି ଛାତ୍ରୀମାନେ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ କୁମାର ନାୟକ, ରମେଶ ବିଶୋୟୀ, ରବି ଚନ୍ଦ୍ର ନାୟକ, ଡମ୍ବରୁ ଗୌଡ, ନରସିଂହ ରନ୍ଧାରୀ, ପୂର୍ବତନ ସରପଞ୍ଚ ରୋହିତ ପୂଜାରୀ, ଲଳିତ ନାୟକ ପ୍ରମୁଖ ବିଦ୍ୟାଳୟକୁ ଯାଇ ଛାତ୍ରୀମାନେ କାହିଁକି ବିଦ୍ୟାଳୟ ଛାଡି ପଳାଇଥିଲେ ବୋଲି ପ୍ରଧାନ ଶିକ୍ଷକଙ୍କୁ ପ୍ରଶ୍ନ କରିଥିଲେ। ଏ ନେଇ ପ୍ରଧାନଶିକ୍ଷକ ଜୀବନ ପ୍ରକାଶଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଛାତ୍ରୀମାନଙ୍କୁ ହଷ୍ଟେଲରେ କୌଣସି ପ୍ରକାର ଅସୁବିଧା କରାଯାଉ ନାହିଁ। ସେମାନଙ୍କୁ ଭଲ ଭାବରେ ରହି ପାଠ ପଢା ପାଇଁ ତାଗିଦ କରାଯାଇଥିଲା। ବିଦ୍ୟାଳୟରେ ୫୪୦ ଜଣ ଛାତ୍ରୀଛାତ୍ର ଥିବା ବେଳେ ମାତ୍ର ୫ ଜଣ ଶିକ୍ଷକ ଥିବାରୁ ପାଠପଢାରେ ସମସ୍ୟା ହେଉଛି।

## ଡାବୁଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖା ପାଇଁ ପ୍ରକ୍ରିୟା ଆରମ୍ଭ

ନବରଙ୍ଗପୁର,୧୭।୯,(ବି.ପ୍ର.)–

ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଉନ୍ନୀତ ହୋଇ ଉଚ୍ଚ ମାଧାମିକ ବିଦ୍ୟାଳୟରେ ପରିଣତ ହୋଇଛି । ଚଳିତ ଶିକ୍ଷା ବର୍ଷ ୨୦୧୮–୧୯ ପାଇଁ ବିଜ୍ଞାନ ବିଭାଗ ଖୋଲା ଯାଇଛି । ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପାଇଁ ଅନୁସୂଚିତ ଜନଜାତି ଓ ଜାତି, ସାଧାରଣ ବର୍ଗର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉର୍ତ୍ତିର୍ଣ୍ଣ ହୋଇଥିବା ଛାତ୍ରୀ ଛାତ୍ର ମାନେ ସାଧାରଣ ଦରଖାସ୍ତ ଫର୍ମ(ସିଏଏଫ) ପୂରଣ କରି ନାମ ଲେଖାଇ ପାରିବେ । ଆସନ୍ତା ୨୫ ତାରିଖ ମଧ୍ୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରୁ ନିର୍ଦ୍ଦିଷ୍ଟ ଫର୍ମ ସଂଗ୍ରହ କରି ଦାଖଲ କରିବେ ବୋଲି ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ଜଣାଇଛନ୍ତି ।

## ଭାଜପାରେ ମିଶିଲେ ଅନ୍ୟ ଦଳର ୧୫୦

ଡାବୁଗାଁ,୧୭।୯(ଡି.ଏନ.ଏ.)

ଡାବୁଗାଁ ବ୍ଲକର ବୋରିଗାଁ ପଞ୍ଚାୟତ ଅଧୀନ ମେଣ୍ଡ୍ରିଗୁଡା ଗ୍ରାମରେ ବ୍ଲକ ଭଜପା ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ କରାଯାଇଛି । ଏଥିରେ ଭଜପା ଜିଲା ସଭାପତି ଗୋବିନ୍ଦ ଜୈନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ଏହି ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କୁଞ୍ଜ ଦାସ , ଜିଲା ଉପସଭାପତି ଜୟନ୍ତ କୁମାର ପାତ୍ରଙ୍କ ଉପସ୍ଥିତିରେ ବରିଷ୍ଠ ଆଦିବାସୀ ନେତା ଭଗବାନ ଭତ୍ରାଙ୍କ ନେତୃତ୍ୱରେ ବୋରିଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଅନ୍ୟାନ୍ୟ ଦଳ ତ୍ୟାଗ କରି ୧୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଭାଜପାରେ ଯୋଗଦାନ କରିଥିଲେ। ଏହି ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ମନୋରମା ନାୟକ, ଡାବୁଗାଁ ମଣ୍ଡଳ ସଭାପତି ରାଜଶେଖର ରାଓ, ଜିଲା ଯୁବମୋର୍ଚ୍ଚା ଉପସଭାପତି ନରେଶ କୁମାର ସିଂ, ଦଶମୁ କଲାର , ଦାମୋଦର ପ୍ରଧାନ, ସତମନ ପୂଜାରୀ, ରାଜୁ ରେଲି , ବିଶ୍ୱରଞ୍ଜନ ପାତ୍ର , ଭୀମସେନ ଜେନା , ନରୁ ସିଂ , ରତନ କଲାର , ସରାଦୁ ଭତ୍ରା ଓ ବହୁକର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କଟାଗାଁ ମଣ୍ଡଳ ସଭାପତି ପଦ୍ମନ ନାୟକ ପରିଚାଳନା କରିଥିଲେ।

## ଆଜି ଖୋଲିବ ଅତିରିକ୍ତ ଦେୱାନୀ ବିଚାରପତିଙ୍କ କୋର୍ଟ

ନବରଙ୍ଗପୁର,୧୭।୯(ବି.ପ୍ର)

ନବରଙ୍ଗପୁର ଜିଲା ଓ ଦୌରାଜଜଙ୍କ ଅଦାଲତ ପରିସରରେ ନୂତନ ଭାବେ ଅତିରିକ୍ତ ଦେୱାନୀ ବିଚାରପତିଙ୍କ କୋର୍ଟ ଖୋଲିବ। ନୂତନ ବିଚାରପତି ଭାବେ ସୌମ୍ୟ ରଞ୍ଜନ ନାୟକ ମଙ୍ଗଳବାର ଯୋଗ ଦେଇ କାର୍ଯ୍ୟ ଆରମ୍ଭ କରିବେ ବୋଲି ଜିଲା ଆଇନଜୀବୀ ସଂଘ କାର୍ଯ୍ୟାଳୟ ତରଫରୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।



ଗାନ୍ଧୀନଗର ଗଣେଶ ପୂଜା ମଣ୍ଡପରେ କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ବାଲୁକା କଳା।

## ଚଟାହାଣ୍ଡି ୟୁ.ଜି. ହାଇସ୍କୁଲରେ ତାଲା ପଡିବା ଘଟଣା

# ହୋଇପାରୁନି ସମସ୍ୟାର ସମାଧାନ

## ପ୍ରଶାସନ ପ୍ରତିଶ୍ରୁତିକୁ ୭ ଦିନ ବିତିଲା

ନବରଙ୍ଗପୁର,୧୭।୯(ବି.ପ୍ର.)

ଶିକ୍ଷକ ବଦଳି ଓ ନିଯୁକ୍ତି ଦାବିରେ ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ୟୁ.ଜି. ହାଇସ୍କୁଲରେ ଦୀର୍ଘ ଦିନ ହେଲା ଗ୍ରାମବାସୀ ତାଲା ପକାଇଛନ୍ତି। ଏପରିକି ୧୧ ଦିନ ତଳେ ଗ୍ରାମବାସୀ, ଅବିଭାବକ ଓ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ଦାବୀ ପତ୍ର ପ୍ରଦାନ ସମୟରେ ପ୍ରଶାସନ ପକ୍ଷରୁ ୭ ଦିନ ମଧ୍ୟରେ ଶିକ୍ଷକ ବଦଳୀ ଓ ନିଯୁକ୍ତି ସମସ୍ୟାର ସମାଧାନ କାରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ପ୍ରତିଶ୍ରୁତି ଦେବାର ୭ ଦିନ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟ କାରୀ ହୋଇ ପାରିଲା ନାହିଁ । ତଥାପି ବିଦ୍ୟାଳୟର ପ୍ରାଥମିକ ସ୍ତରରେ ପାଠ ପଢା ଆରମ୍ଭ ହୋଇ ପାରୁ ନାହିଁ । ତାଲାପଡି ରହିଛି । ଏନେଇ ଗାଁର ଏକ ପ୍ରତିନିଧି ଦଳ ସାମାଜିକ କର୍ମୀ ଦେବରାଜ ହରିଜନ, ସରପଞ୍ଚ ଦେବାନ୍ତ ପୂଜାରୀ, ସମିତି ସଭ୍ୟ ଯୁଧିଷ୍ଠିର ତନ୍ତି ପ୍ରମୁଖ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଭେଟିବାକୁ ଆସିଥିଲେ । ସେ କଟକରେ ଥିବା କହିବା ସହ ୪ ଜଣ ଶିକ୍ଷକଙ୍କୁ ବଦଳି କରାଯାଇଛି ବୋଲି କହିଥିଲେ । ତେବେ ଗ୍ରାମବାସୀଙ୍କ ଦାବୀ ଥିଲା ସମସ୍ତ ଶିକ୍ଷକଙ୍କ ସମେତ ସିଆରସିସିଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରାଯାଉ । ତାହା କରାଯାଇ ନ ଥିବାରୁ ଗ୍ରାମବାସୀ ଜିଲା ଶିକ୍ଷା ଅଧିକାରୀଙ୍କ ଭେଟି ବିଦ୍ୟାଳୟ ସମସ୍ୟାର ସମାଧାନ ସମ୍ପର୍କରେ ଜଣାଇଥିଲେ । ପ୍ରାଥମିକ ଶିକ୍ଷକ ବଦଳି ଓ ନିଯୁକ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ । କିଛି ଶିକ୍ଷକଙ୍କ ବଦଳି ହୋଇଛି । ଜିଲାପାଳଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିବା ଖବର ରହିଛି ବୋଲି ପ୍ରତିନିଧି ଦଳଙ୍କୁ କହିଥିଲେ । ବର୍ଷାହେବା ପରେ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ପାରି ନ ଥିଲେ । ମଙ୍ଗଳବାର ଜିଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବେ । ସେଥିରେ କୌଣସି ସୁଫଳ ନମିଳେ ତେବେ ଗ୍ରାମବାସୀ ଓ ଅବିଭାବକ ପକ୍ଷରୁ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳ ଜଣାଇଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଚୋରା ମଦ କାରବାର: ୩ ଗିରଫ

ପାରଳାଖେମୁଣ୍ଡି, ୧୭।୯(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡି ଅବକାରୀ ବିଭାଗ ପକ୍ଷରୁ ରାୟଗଡ଼, ମହାଦେଇପୁର, କଡମାସିଂ, ପଦ୍ମପୁର, ନାରାୟଣପୁର ଇତ୍ୟାଦି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ନାରାୟଣପୁରର ଟୁନି ମିଶାଲ, ପଦ୍ମପୁରର ସୁନୀତା ସାହୁକାର ଏବଂ ସିମାଦ୍ରୀ ସେନାପତି। ୩ଶହ କେଜି ମହୁଲ ପୋଚ, ୧୨୦ ଲିଟର ମହୁଲି ମଦ ଓ ସରଞ୍ଜାମ ଜବତ ହୋଇଛି। ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ନିରୀକ୍ଷକ ପଦ୍ମଚରଣ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢ଼ାଉରେ ଇନ୍ସପେକ୍ଟର ଶରତ ଚନ୍ଦ୍ର ଭଞ୍ଜ (କଟକ), ପାରଳାଖେମୁଣ୍ଡି ସଦର ଅବକାରୀ ଏସ୍ଆଇ ସୁରୀବାବୁ, ଖଲିଲ ଅହମ୍ମଦ, ଏଏସ୍ଆଇ ଚିତ୍ତରଞ୍ଜନ ଜେନା, କିଶୋର ଚନ୍ଦ୍ର ରଥ ପ୍ରମୁଖ ସାମିଲ ଥିଲେ।

### ଓର୍‌ମାସ ପକ୍ଷରୁ ନିଯୁକ୍ତି ମେଳା

ପାରଳାଖେମୁଣ୍ଡି, ୧୭।୯(ସ୍ୱ.ପ୍ର.)- ଗଜପତି ଜିଲାର ଗ୍ରାମାଞ୍ଚଳ ଯୁବକମାନଙ୍କ ପାଇଁ ପାରଳାଖେମୁଣ୍ଡିସ୍ଥିତ ଓର୍‌ମାସ କାର୍ଯ୍ୟାଳୟ ପରିସରରେ ଦୁଇଦିନିଆ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ଜିଲା ଓର୍‌ମାସ ଆନୁକୂଲ୍ୟରେ ରକ୍ଷା ସିକ୍ୟୁରିଟି ପକ୍ଷରୁ ସୋମବାର ଏହି ନିଯୁକ୍ତି ମେଳା ହୋଇଥିବା ବେଳେ ମଙ୍ଗଳବାର ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆୟୋଜନ କରାଯିବ। ଗ୍ରାମାଞ୍ଚଳରେ ରହୁଥିବା ଯୁବକମାନେ ନିଜ ଆଧାର କାର୍ଡ, ଶିକ୍ଷା ପ୍ରମାଣପତ୍ର, ବିପିଏଲ୍ କାର୍ଡ, ଜବ୍‌କାର୍ଡ, ଜାତିଗତ ପ୍ରମାଣପତ୍ର ଆଦି ସମସ୍ତ ଆବଶ୍ୟକ କାଗଜପତ୍ର ସହ ଓର୍‌ମାସ କାର୍ଯ୍ୟାଳୟରେ ପହଞ୍ଚି ଏହି ସୁଯୋଗ ହାତେଇବା ପାଇଁ କୁହାଯାଇଛି ।

### ଦୀପ ନିଆଁରେ ପୋଡ଼ି ହୋଇ ମହିଳା ଗୁରୁତର

କୋଦଳା, ୧୭।୯(ଡି.ଏନ୍.ଏ.): ପୁରୁଷୋତ୍ତମପୁର ଥାନା ଡିଙ୍ଗୁଡ଼ିଘାଇ ଗ୍ରାମରେ ଦୀପନିଆଁ ଲାଗି ସୋମବାର ପୂର୍ବାହ୍ନରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ କଂଗ୍ରେସ ଦାସଙ୍କ ସ୍ତ୍ରୀ ଶାନ୍ତି ଦାସ (୩୦)। ପ୍ରକାଶ ଯେ, ଶାନ୍ତି ନିଜ ଘରେ ଠାକୁରଙ୍କ ପାଖରେ ଦୀପ ଲଗାଇବା ବେଳେ ତାଙ୍କ ଶାଢ଼ୀରେ ନିଆଁ ଲାଗିଯିବାରୁ ୬୦ ପ୍ରତିଶତ ପୋଡ଼ିଯାଇଥିଲେ। ଚିତ୍କାର ଶୁଣି ଶାଶୁ ଓ ସ୍ୱାମୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରି ସ୍ୱାମୀ ମଧ୍ୟ ଆହତ ହୋଇଛନ୍ତି। ଗ୍ରାମବାସୀଙ୍କ ସହାୟତାରେ ଶାନ୍ତିଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କୋଦଳା ଥାନା ଏସ୍ଆଇ ଓମ୍ ପାତ୍ର ଓ ଏଏସ୍ଆଇ ଲୋକନାଥ ବେହେରା ପହଞ୍ଚି ପଚାରିବାରୁ ଦୀପନିଆଁ ଯୋଗୁ ଦୁର୍ଘଟଣା ଘଟିଥିବା ଶାନ୍ତି କହିଛନ୍ତି।

### ବଜ୍ରପାତରେ ୨ ବଳଦ ମୃତ

ରାମଗିରି, ୧୭।୯: ଆର.ଉଦୟଗିରି ବ୍ଲକ ସୁବଲଡ଼ା ଗ୍ରାମପଞ୍ଚାୟତ ବେଡ଼ିଙ୍ଗି ଗ୍ରାମରେ ସୋମବାର ବଜ୍ରପାତରେ ଲମ୍ବୋଦର ଯାନିଙ୍କ ୨ ବଳଦର ମୃତ୍ୟୁ ଘଟିଛି । ଲମ୍ବୋଦର ଗୋରୁ ଚରେଇ ସନ୍ଧ୍ୟା ୫ଟାରେ ଘର ନିକଟ ଏକ ଗଛମୂଳରେ ବାନ୍ଧିଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ବଳଦର ମୃତ୍ୟୁ ହୋଇଥିଲା । ଗୋରୁଙ୍କ ପାଇଁ ବୀମା କରିଥିଲେ କ୍ଷତିପୂରଣ ପାଇଥାନ୍ତେ ବୋଲି ସୁବଲଡ଼ାର ସରପଞ୍ଚ ତାପସ ରଇତ କହିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି କ୍ଷତିପୂରଣ ପାଇବା ପାଇଁ ଚେଷ୍ଟା ମୁଁ କରିବି ବୋଲି ରାମଗିରି ପ୍ରାଣୀ ନିରୀକ୍ଷକ ପ୍ରିୟରଞ୍ଜନ ବେହେରା କହିଛନ୍ତି।

■ ନୂତନ୍ ପୌର ପରିଷଦ କାର୍ଯ୍ୟାଳୟ ଉଦ୍‌ଘାଟନକୁ ନେଇ ବିବାଦ ଘଟଣା

# କାର୍ଯ୍ୟାଳୟ ପରିସରରେ ୧୪୪ ଧାରା ଜାରି

ପାରଳାଖେମୁଣ୍ଡି, ୧୭।୯(ସ୍ୱ.ପ୍ର.)

ବିବାଦୀୟ ପରିସ୍ଥିତି ଯୋଗୁ ଗଜପତି ଜିଲା ପାରଳାଖେମୁଣ୍ଡି ପୌରପରିଷଦର ନୂତନ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଛି। ଉକ୍ତ କାର୍ଯ୍ୟାଳୟକୁ କୌଣସି ବ୍ୟକ୍ତିଙ୍କ ପ୍ରବେଶ ଉପରେ କଟକଣା ଜାରି ହୋଇଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନକୁ ନେଇ ବିବାଦ ଦେଖାଦେଇଥିଲା। ଉଦଘାଟନ ଉତ୍ସବରେ ବିଜେଡି କାଉନସିଲରମାନଙ୍କୁ ଅଣଦେଖା କରାଯାଇଥିବା ଓ ପ୍ରସ୍ତୁତି ବୈଠକ ହୋଇ ନ ଥିବା ଜିଲା ବିଜେଡି ଅଭିଯୋଗ କରିଥିଲା। ସେହିପରି କୌଣସି ପ୍ରାକ୍ ସୂଚନା ଦିଆନଯାଇ ୨କୋଟି ୧୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ କାର୍ଯ୍ୟାଳୟକୁ ରାତିଅଧିଆ ଉଦଘାଟନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା ବୋଲି ବିଜେଡି କାଉନସିଲରମାନଙ୍କ ସମେତ ଜିଲା ବିଜେଡି ପକ୍ଷରୁ ଅଭିଯୋଗ ହୋଇଥିଲା। ଏଭଳି ଉଦଘାଟନ କାର୍ଯ୍ୟକ୍ରମ ବେଆଇନ ବୋଲି ଦର୍ଶାଇବା ସହ ଏହାର ତଦନ୍ତ ଦାବି କରି ବିଜେଡି କାଉନସିଲରମାନେ ଜିଲାପାଳ, ପୌର ଆୟୋଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର ପଠାଥିଲେ। ଅନ୍ୟପକ୍ଷେ ପୌରପରିଷଦ ନିର୍ବାହୀ ଅଧିକାରୀ ପାରଳାଖେମୁଣ୍ଡି ଥାନାରେ ଏତଲା ଦେଇଥିଲେ। ଫଳରେ ଏହି ଘଟଣା ବିବାଦ ଘେରକୁ ଆସିଥିଲା। ଏ ନେଇ କୋର୍ଟର ଦ୍ୱାରସ୍ଥ ହୋଇଥିଲା ପୋଲିସ। ଏବେ ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ନୂତନ କାର୍ଯ୍ୟାଳୟ ପରିସରରେ ୧୪୪ ଧାରା ଜାରି କରାଯାଇଛି । ଏହାଦ୍ୱାରା ଉକ୍ତ କାର୍ଯ୍ୟାଳୟକୁ କୌଣସି ପ୍ରକାର କାର୍ଯ୍ୟରେ ବ୍ୟବହାର କରାଯାଇପାରିବନାହିଁ ବୋଲି ଥାନାଧିକାରୀ ବାବୁଲି ନାୟକ କହିଛନ୍ତି। ତେବେ ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ୧୫୧ ଅଭିଯୋଗ ଶୁଣିଲେ ଜିଲାପାଳ

ଗୁମ୍ମା, ୧୭।୯(ଡି.ଏନ.ଏ)


ଜଣେ ମହିଳାଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ ଅନୁପମ ଶାହା।

ଗଜପତି ଜିଲା ଗୁମ୍ମା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅନୁପମ ଶାହା ଯୋଗ ଦେଇ ମୋଟ ୧୫୧ଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରେ ୧୦୪ଟି ବ୍ୟକ୍ତିଗତ ଓ ୪୭ଟି ସାମୂହିକ ଅଭିଯୋଗ ରହିଥିଲା । ରାସ୍ତା, ପାନୀୟଜଳ, ଆବାସ ଗୃହ ଓ ଭତ୍ତା ଆଦି ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା। ୩ଟିର ତ୍ୱରିତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୭ଜଣଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ଓ ଜିଲା ରେଡ୍‌କ୍ରସ ସହାୟତା ପାଣ୍ଠିରୁ ୪ଜଣଙ୍କୁ ୩୫ହଜାର ଟଙ୍କା ଯୋଗାଇଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରିଡା ଗ୍ରାମର କାଳନ୍ଦି ମାଳି, ଅମ୍ରେସିଂର ଗାସାନି ରଇତ, ଗାଇବା ଆଶାକର୍ମୀ ସୁଲତା ଗାଣ୍ଡା ଓ ନୂଆଗଡ ବ୍ଲକର ମହଲନ ସିଂ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ଗୁମ୍ମାର ଥୋମା ପାଣି, ଜୀବଧବ ପାଣି, ଆଶ୍ରୟଗଡର ସୌରଭ ବେବର୍ତ୍ତା, ବଡକଳାକୋଟର ସିଦାମ ବଡରଇତ, ପରିଡାର ଲାଲମୋହନ ସିଂ, ସୁଶାନ୍ତି ପାଣି, କେସିପୁରର ସୁଦପ୍ତି ପାଣିଙ୍କୁ ସହାୟତା ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀ, ବିଡିଓ ନଟବର ଗରଡା, ତହସିଲଦାର କଳାକୃଷ୍ଣ ପ୍ରଧାନ, ବ୍ଲକ ଅଧକ୍ଷ ଗଜେନ୍ଦ୍ର ଗମାଙ୍ଗ, ଉପାଧକ୍ଷା ଗୀତାଞ୍ଜଳି ଭୂୟାଁ, ଜିଲା ପରିଷଦ ସଭ୍ୟ ହିମାଂଶୁ କୁମାର ଲିମ୍ମା, ସଭ୍ୟା ପ୍ରେମିକା ରଇତ ପ୍ରମୁଖ ଉପସ୍ଥିତ ଥିଲେ ।

### ମୃତଦେହ ଉଦ୍ଧାର

ଭଞ୍ଜନଗର, ୧୭।୯(ଡି.ଏନ.ଏ)

ଭଞ୍ଜନଗର ଲୋହରାଖଣ୍ଡି ନଦୀ ସେତୁ ନିକଟରୁ ଜଣେ ହୋଟେଲ କର୍ମଚାରୀଙ୍କ ମୃତଦେହକୁ ସୋମବାର ସକାଳେ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ସେ ହେଲେ ଶ୍ରୀନିବାସ ରାଓ (୫୫)। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

### ଗଣେଶ ମେଢ ଭସାଣି

ପାରଳାଖେମୁଣ୍ଡି, ୧୭।୯(ସ୍ୱ.ପ୍ର.)–

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣେଶ ମେଢ ଭସାଣି ଅନୁଷ୍ଠିତ ହୋଇଯାଇଛି। ସୋମବାର ପ୍ରବଳ ବର୍ଷା ସତ୍ତ୍ୱେ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ମେଢ ବିସର୍ଜନ କରାଯାଇଛି। ଛାତ୍ରମାନେ ବର୍ଷାରେ ଭିଜି ବାଜାର ତାଳେ ତାଳେ ନାଚି ମେଢକୁ ଏକ ବିରାଟ ଶୋଭାଯାତ୍ରାରେ ନେଇଥିଲେ। ମେଢକୁ ସହର ପରିକ୍ରମା କରାଯିବା ପରେ ଚିତ୍ରକାର ସାହିସ୍ଥିତ ସଦାରାମ ପୋଖରୀରେ ବିସର୍ଜନ କରାଯାଇଥିଲା । ସହରର ୩ନମ୍ବର ୱାର୍ଡ ଅଧୀନ ସାମୁଡିଆ ସାହି ଗଣେଶ ପୂଜା କମିଟି ପକ୍ଷରୁ ଦୁଇହଜାର ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟାଯାଇଥିଲା। ଏଥିସହ କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଚଳବାସୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ସେ ଆଲୋଚନା କରିଥିଲେ। ଏହି ଅବସରରେ କାଉନସିଲର ଖଗେଶ୍ୱରୀ ବେହେରା, କୃଷ୍ଣ କୁମାର ବେହେରା, ଜି.ବିଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ରାୟଗଡ (ଗଜପତି), ୧୭।୯(ଡି.ଏନ.ଏ.)– ଗଜପତି ଜିଲା ରାୟଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୨ଟି ସ୍କୁଲର ୧୫୦ ଛାତ୍ରୀଛାତ୍ର ଭାଗନେଇଥିଲେ। ମୁଖ୍ୟ ଅତିଥି ଭାବେ ବିଇଓ ମନୋରଞ୍ଜନ ସେଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ରବି ମୁଦ୍ୟାଲୁ, ଅନ୍ୟତମ ଏବିଇଓ ଏସ୍.ପାପାରାଓ, ନୋଡାଲ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ମହାନ୍ତି, ରାୟଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏସ୍.ମଣିମାଳା, ସିଆରସିସି କେ. ମଧୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ଜଗତ ଚନ୍ଦ୍ର କାର୍ଜୀ, ସଞ୍ଜୟ ପାତ୍ର ଓ ଧିରେନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗୀତାରେ ଭାଗନେବେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

■ ନିଖୋଜ ଏମ୍‌ବିଏ ଛାତ୍ରଙ୍କ ବାଇକ୍ ଜଙ୍ଗଲରୁ ଉଦ୍ଧାର

# ଜିତୁଙ୍କୁ ଖୋଜି ବାହାର କରିବା ଦାବିରେ ରାସ୍ତାରୋକୋ

ଭଞ୍ଜନଗର, ୧୭।୯(ଡି.ଏନ.ଏ.)

ତାରସିଂ ଥାନା ଭଗାରୀ ଗ୍ରାମର ଏମ୍‌ବିଏ ଛାତ୍ର ଜିତୁ ପ୍ରଧାନ ଗତ ୨୭ ତାରିଖରୁ ନିଖୋଜ ଅଛନ୍ତି। ସୋମବାର ଅପରାହ୍ନରେ ତିନିଛକିଆ ନିକଟସ୍ଥ କିରିଆମ୍ବା ଜଙ୍ଗଲରୁ ତାଙ୍କ ବାଇକ୍‌କୁ ପୋଲିସ ଉଦ୍ଧାର କରିଛି। ବାଇକଟିକୁ ମାଟିତଳୁ ଉଦ୍ଧାର କରାଯାଇଛି। ହେଲେ ଜିତୁଙ୍କ ସମ୍ପର୍କରେ ପୋଲିସ କୌଣସି ସୁରାକ ପାଇପାରିନାହିଁ। ଏହି ଘଟଣା ଜଣାପଡିବା ପରେ ଜିତୁଙ୍କୁ ନେଇ ପରିବାର ଲୋକଙ୍କ ଚିନ୍ତା ବଢ଼ିଯାଇଛି । ଭଞ୍ଜନଗର ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ, ତାରସିଂ ଥାନା ଅଧିକାରୀ ପି.କେ.ସାହୁ ପ୍ରମୁଖ ଜଙ୍ଗଲରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ସେପଟେ ଜିତୁଙ୍କୁ ତୁରନ୍ତ ଖୋଜି ବାହାର କରିବା ଦାବି ନେଇ ସମ୍ପୃକ୍ତ ଅଞ୍ଚଳବାସୀ ତିନିଛକିଆଠାରେ ଅପରାହ୍ନଠାରୁ ରାସ୍ତାରୋକୋ କରିଛନ୍ତି। ଫଳରେ ଭଞ୍ଜନଗର- ଦଶପଲ୍ଲା ମୁଖ୍ୟ ରାସ୍ତାରେ ଯାତାୟାତ ବନ୍ଦ ରହିଛି।

ପ୍ରକାଶ ଯେ, ଜିତୁ ଭୁବନେଶ୍ୱରରେ ରହି ଏମ୍‌ବିଏ ପଢୁଥିଲେ । ରାକ୍ଷୀ ପୂର୍ଣ୍ଣିମାରେ ଘରକୁ ଆସି ୨୮ ତାରିଖ ଅପରାହ୍ନ ୩ଟାରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ବାଟରେ ତିନିଛକିଆ ଠାରେ ଜଣେ ବନ୍ଧୁଙ୍କ ସହ ଦେଖା ହୋଇଥିଲେ। ତା' ପରଠାରୁ ଆଉ ଜିତୁଙ୍କ ପତ୍ତା ମିଳୁ ନ ଥିବା ବେଳେ ତାଙ୍କ ମୋବାଇଲ ଫୋନ ମଧ୍ୟ ସୁଇଚ ଅଫ ରହିଛି। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଜିତୁଙ୍କୁ ନ ପାଇବାରୁ ୨୯ ତାରିଖରେ ଥାନାରେ ଜଣାଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ପରେ ବିଭିନ୍ନ ସୂଚନାକୁ ଭିତ୍ତି କରି ଅପହରଣ ମାମଲା ରୁଜୁ ହେଲା। ପୋଲିସ ଏକାଧିକ ଲୋକଙ୍କୁ ଥାନାକୁ ଡ଼ାକି ପଚରାଉଚରା କରିଥିଲେ ମଧ୍ୟ ଜିତୁଙ୍କ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିଲା । ସୋମବାର ଜିତୁଙ୍କ ସମ୍ପର୍କୀୟମାନେ ଜଙ୍ଗଲକୁ ଯାଇ ଖୋଜାଖୋଜି କରିଥିଲେ। ଏହି ସମୟରେ ବର୍ଷା ଯୋଗୁ ଧୋଇଯାଇଥିବା କିଛି ମାଟିକୁ ଦେଖି ସେମାନଙ୍କ ସନ୍ଦେହ ବଢ଼ିଥିଲା। ମାଟି ଖୋଳିବାରେ ଜିତୁଙ୍କ ବାଇକ୍ ମିଳିବାରୁ ପୋଲିସକୁ ଖବର ଦିଆଯାଇଥିଲା।

■ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

# ଭାଗନେଲେ ୧୫ ସ୍କୁଲର ୧୫୦ ଛାତ୍ରୀଛାତ୍ର

ଗୁମ୍ମା, ୧୭।୯(ଡି.ଏନ.ଏ.)

ଗଜପତି ଜିଲା ଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧୀନ ୧୫ଟି ସ୍କୁଲର ପ୍ରାୟ ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭ୍ୟ ହିମାଂଶୁ କୁମାର ଲିମ୍ମା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୁମ୍ମା ସରପଞ୍ଚ ଜୀଖନୀୟ ରଇତ, ବିଦ୍ୟାଳୟ ସଭାପତି ଅଟଳ ଲିମ୍ମା, ଖବରଦାତା ସୁବୋଧ ଚନ୍ଦ୍ର ଲିମ୍ମା ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସେହିପରି ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟ ନାରାୟଣ ପ୍ରସାଦ ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଫୁଟବଲରେ ଗୁମ୍ମା ହାଇସ୍କୁଲ, ଖୋଖୋ(କନିଷ୍ଠ)ରେ ଗୁମ୍ମା ମଧ୍ୟଇଂରାଜୀ ବିଦ୍ୟାଳୟ, (ବରିଷ୍ଠ) ଗୁମ୍ମା ହାଇସ୍କୁଲ, ଭଲିବଲରେ ବୁରିଡିଙ୍ଗ ୟୁ.ଜି. ହାଇସ୍କୁଲ, କବାଡି (ବାଳକ) ୟୁଜିଏସ୍‌ଏସ୍ ମୁନିସିଂ, ଉଚ୍ଚଡିଆଁ (କନିଷ୍ଠ)ରେ ପାଲ ରଇତ, ପିଣ୍ଟୁ ଲିମ୍ମା (ବରିଷ୍ଠ), ୧୦୦ ଓ ୪୦୦ ମି. ଦୌଡ (ବରିଷ୍ଠ)ରେ ଗାମିଦାସ ଭୂୟାଁ, ୪୦୦ ମିଟର କନିଷ୍ଠରେ ଇନାବାଲି ରଇତ, ୮୦୦ ମିଟରରେ ଆକାଶ ପୂଜାରୀ, ୧୦୦ ମିଟର (କନିଷ୍ଠ) ରାମକୃଷ୍ଣ ଶବର, ୨୦୦ ମିଟର ତାପସ କୁମାର ଗମାଙ୍ଗ, ୧୦୦ ଓ ୨୦୦ ମିଟର ଦୌଡ ଏବଂ ଲମ୍ଫଡିଆଁ(ବାଳିକା ବରିଷ୍ଠ)ରେ ସିମି ଶବର, କନିଷ୍ଠରେ ପ୍ରମିଳା କରାଡ, ଉଚ୍ଚଡିଆଁରେ ପିଣ୍ଟୁ ଲିମ୍ମା, ଭାରୋତ୍ତୋଳନରେ ରାଜେନ୍ଦ୍ର ରଇତ ସଫଳତା ପାଇଥିଲେ। ପ୍ରଧାନ ଶିକ୍ଷକ ଦେବଦାସ ତାମରାପୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ବାସୁଦେବ ରେଡ୍ଡୀ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଲିଙ୍ଗରାଜ ପାଢୀ ଧନ୍ୟବାଦ ଦେଇଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର


@ ଦେବେନ୍ଦ୍ର


@ ବିଜୟ


@ ଟଙ୍କଧର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)





ଭୀରୁ ବାରମ୍ବାର ମରେ; କିନ୍ତୁ ସାହସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ।
- ନେପୋଲିୟନ ବୋନାପାର୍ଟ

## ସଂକ୍ଷେପରେ

### ମୁଣ୍ଡାଗାଁରେ ସଫେଇ କାର୍ଯ୍ୟକ୍ରମ

ଟିକିରି,୧୭।୯(ଡ଼ି.ଏନ.ଏ):ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିର ପୋଡ଼ାପାଡ଼ି ପଞ୍ଚାୟତ ମୁଣ୍ଡାଗାଁସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେଭାଜପା ମଣ୍ଡଳ ସଭାପତି ଶୁଶାନ୍ତ ପ୍ରଧାନୀ, ସାଧାରଣ ସମ୍ପାଦକ ଲାବନ୍ୟ ନାୟକ, ୱାର୍ଡ଼ମେମ୍ବର ରାଘବ ନାୟକ,ପ୍ରଶାନ୍ତ ପାତ୍ର, ଭୀମ ମାଝିଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ,ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।

### ବିଜେଡିରେ ମିଶିଲେ ବହୁ କର୍ମୀ

ଆମ୍ବାଦୋଳା,୧୭।୯(ଡ଼ି.ଏନ.ଏ)-ମୁନିଗୁଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ କୁଗୁପାଲି ଟୁଟୁକେମ୍ପିଂରେ ବିଜେଡ଼ିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାଜପାର ସୁଶିଲ କୁମାର ସ୍ୱାଇଁ, ସିପିଆଇର ଶତ୍ରୁଘ୍ନ ଭୋଇ, ଟୁନା ସ୍ୱାଇଁଙ୍କ ସହ ବହୁ କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି । ବିଧାୟକ ଜଗନ୍ନାଥ ସାରକା, ଯୋଜନାବୋର୍ଡ଼ ଉପାଧ୍ୟକ୍ଷ ସୁଧୀର ଦାଶ, ଖଦିବୋର୍ଡ଼ ସଦସ୍ୟ ପୃଥୀରାଜ ସାହୁ, ଜିଲା ଉନ୍ନୟନ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରକା,ଜ୍ୟୋତିପ୍ରସାଦ ସାହୁଙ୍କ ଉପସ୍ଥିତିରେ ସେମାନେ ଦଳରେ ମିଶିଥିଲେ । ଆଗାମୀ ନିର୍ବାଚନରେ ଦଳକୁ ମଜଭୁତ କରିବା ପାଇଁ ଶପଥ ନେଇଥିଲେ ।

### ବିଭିନ୍ନ ସମସ୍ୟା ନେଇ ଆଲୋଚନା

କାଶୀପୁର,୧୭।୯(ଡ଼ି.ଏନ.ଏ): ରାୟଗଡା ଜିଲା କାଶୀପୁର ବ୍ଲକ ଯୁବ ବିକାଶ ପରିଷଦର ଏକ ବୈଠକ ଡଙ୍ଗାସିଲଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାଶୀପୁର ବ୍ଲକର ବିପର୍ଯ୍ୟସ୍ଥ ହୋଇ ପଡିଥିବା ଥିବା ସ୍ୱାସ୍ଥ୍ୟ ବ୍ୟବସ୍ଥା, ଗମନାଗମନ, ଆଶ୍ରମ ବିଦ୍ୟାଳୟ ନ ଥିବାରୁ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେବା, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତାରୁ ହିତାଧିକାରୀ ବଞ୍ଚିତ ହେବା, ଯୁବକମାନେ ବେକାରି ସମସ୍ୟାରୁ କିଭଳି ମୁକୁଳିମାରିବେ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଏନେଇ ଆସନ୍ତା ଅକ୍ଟୋବର ୨୬ ତାରିଖରେ କାଶୀପୁର ସଦର ମହକୁମାରେ ହଜାର ହଜାର ଯୁବକ ଙ୍କ ସମାଗମ ହୋଇ ପ୍ରତିବାଦ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ବ୍ଲକ ସଭାପତି ପ୍ରଭାକର ମାଝି ସୂଚନା ଦେଇଛନ୍ତି। ବୈଠକରେ ଯୁବବିକାଶ ପରିଷଦର ଜିଲା ସଭାପତି ଶିବାଜୀ ଦାଶ,ଉପସଭାପତି ସୋମନାଥ ମାଝି ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କୁ କଲମ, ଚକୋଲେଟ ବଣ୍ଟନ

ରାୟଗଡା ଅଫିସ, ୧୭।୯: ରାୟଗଡା ଜିଲା ଭାଜପା ପକ୍ଷରୁ ରାୟଗଡା ନଗର ସଭାପତି ଏମ ରାମାରାଓଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬୮ତମ ଜନ୍ମଦିନ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କାଳିରାମ ମାଝି, ରଜତ ମାଦଳା, ଲକ୍ଷ୍ମୀ ପଟ୍ଟନାୟକ, ପି. ରାଜେଶ୍ୱରୀ, ରାଜୁ ସାହୁ, ସେନାପତି ଲୀନା ରେଭିନ୍ୟୁ କଲୋନୀ ଉଚ୍ଚ ପ୍ରାଥମିକରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ପେନ ଓ ଚକୋଲେଟ ପ୍ରଦାନ କରିଥିଲେ ।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ରାୟଗଡା ଅଫିସ, ୧୭।୯

୫ ଦଫା ଦାବି ନେଇ ସୋମବାର ରାୟଗଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ପରିଷଦର ଜିଲା ଆବାହକ ପ୍ରଦୀପ କୁମାର ଦାସ, ବୋମାଲିକାନ୍ତା ରାଓ, ଜେମ୍ସ ଶବରଙ୍କ ନେତୃତ୍ୱରେ ସଂଘର ସଦସ୍ୟ ଆଲୋଲିଓ ଗମାଙ୍ଗୋ, ମିଲଲୀତା ମଣ୍ଡଳ, ସିପନ ଶବର, ସିରିଲା ବୁଡ଼ୁ, କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟ ସଦସ୍ୟମାନେ ରିଲେ ଅନଶନ କରିବା ସହ ଧାରଣାରେ ବସିଥିଲେ । ରାୟଗଡା ଜିଲା ଅଦାଲତ ସମୂହର ନୂତନ କୋଠା ବର୍ତ୍ତମାନର ଅଦାଲତ ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉ, ଜିଲା ଅଦାଲତ ପରିସରରେ ଫ୍ୟାମିଲି ଅଦାଲତ ଓ ସ୍ଥାୟୀ ଲୋକ ଅଦାଲତ ସ୍ଥାପନ, ଚନ୍ଦ୍ରପୁରଠାରେ ଥିବା ଅଦାଲତକୁ ତୁରନ୍ତ କାର୍ଯ୍ୟକ୍ଷମ , ରାମନାଗୁଡା ବ୍ଲକର ରୁକୁଣ୍ଡା ଗ୍ରାମପଞ୍ଚାୟତକୁ ମଦମୁକ୍ତ ପଞ୍ଚାୟତ ଘୋଷଣା ଆଦି ଦାବି କରାଯାଇଛି । ଜିଲା ଅଦାଲତ ଏବଂ ଅନ୍ୟାନ୍ୟ ଅଦାଲତ ନୂତନ କୋଠା ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ସ୍ଥାନୀୟ ଜିଲା ପ୍ରଶାସନର ଅବହେଳା ଯୋଗୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯାହାଦ୍ୱାରା ଅଦାଲତ ଉପରେ ନିର୍ଭର କରୁଥିବା ବ୍ୟବସାୟୀ, ଆଇନଜୀବୀ, ଗରିବ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଜିଲା ବିକାଶ ପରିଷଦର ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଏନେଇ ଏକ ଦାବିପତ୍ର ଜିଲା ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ରାଜ୍ୟ ଆଇନସଚିବ, ଜିଲାପାଳ, ଏସପି, ଜିଲା ଦୌରାଜଜ୍ ଓ ରାୟଗଡା ଥାନା ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ପରିଷଦର ନେତୃବୃନ୍ଦ ପ୍ରକାଶ କରିଛନ୍ତି ।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣା ।

# ରାଷ୍ଟ୍ରୀୟ ଶ୍ରମ ଦିବସ ପାଳିତ

ରାୟଗଡା ଅଫିସ,୧୭।୯

ଭାରତୀୟ ମଜଦୁର ସଂଘ ପକ୍ଷରୁ ବିଶ୍ୱକର୍ମା ଜୟନ୍ତୀ ଓ ରାଷ୍ଟ୍ରୀୟ ଶ୍ରମଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ରାୟଗଡା ଜିଲା ଭାରତୀୟ ମଜଦୁର ସଂଘର ଜିଲା ସଭାପତି ଯୋଗେଶ୍ୱର ଦାସଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ । ରାୟଗଡା ଷ୍ଟେଶନ ନିକଟରେ ସମସ୍ତ ସଂଘର ମଜଦୁର ଭଉଣୀଭାଇମାନେ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହରର ମୁଖ୍ୟ ରାସ୍ତା ଓ ବଜାର ଦେଇ ଅଶୋକ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲେଲ। ଏଠାରେ ସଂଘ ଜିଲା ସଭାପତି ଯୋଗେଶ୍ୱର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସାନ୍ତନୁ କୁମାର ମହାପାତ୍ର ଓ ଅନ୍ୟ ଅତିଥି ବୃନ୍ଦ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାରେ କାର୍ଯ୍ୟ କରୁଥିବା ସାଧାରଣ ଓ ପଞ୍ଜୀକୃତ ଶ୍ରମିକ ଭଉଣୀଭାଇମାନଙ୍କ ପ୍ରତି ଶ୍ରମ କାର୍ଯ୍ୟାଳୟରେ ଅବହେଳା କରାଯାଉଥିବାରୁ ତାହାକୁ ଦୃଢ଼ ବିରୋଧ କରାଯାଇଥିଲା । ଜିଲାରେ କାର୍ଯ୍ୟରତ ଅଙ୍ଗନୱାଡ଼ି, ଆଶା, ପାଚିକା ଭଉଣୀମାନଙ୍କୁ ପ୍ରଶାସନିକ କ୍ଷେତ୍ରରେ ଯେପରି ହଇରାଣ ହରକତ କରାଯାଉଛି ତାହା ସମାଧାନ କରିବାକୁ ସଂଘ ଦାବି କରିଥିଲା । ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ହୁଇକା, ଜୟନ୍ତୀ ପଦ୍ମାଳୟା ସାହୁ, ଉଷାରାଣୀ ଦାସ, ମମତା ବିଶ୍ୱାଳ, ପୁଷ୍ପାଞ୍ଜଳି ବେହେରା, ନେହା ସିଂ, ଗୀତା ଉଲ୍ଲାକା, ଏ. ତିରୁପତି ରାଓ, ପ୍ରଦୀପ ମିଶ୍ର, ଶହଦେବୀ ନାୟକ, ଆନନ୍ଦ ରାଉଳ, ଭାଗିରଥି ବେହେରା, ଆର.କେ. ସ୍ୱାଇଁ, ସିମାଞ୍ଚଳ ମିଶ୍ର, ରାମକୃଷ୍ଣ ପଣ୍ଡା, ବଂଶୀ କଣ୍ଡାଗରୀ, କେକେ. ଜେନା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାୟଗଡା ସହର ସମେତ ଜିଲାର ସମସ୍ତ ବ୍ଲକରେ ଥିବା ପ୍ରାୟ ୨୨ଟି ମଜଦୁର ସଂଘର ନେତୃବୃନ୍ଦ, ସଦସ୍ୟାସଦସ୍ୟ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ ।




ସଭାରେ ଉପସ୍ଥିତ ଅତିଥି ।

# ୧୭ ବର୍ଷ ବନ୍ଦୀ ଜୀବନ କାଟୁଛନ୍ତି ସୁମିତ୍ରା

ବିଷମକଟକ,୧୭।୯(ଡି.ଏନ୍.ଏ):

ବିଷମକଟକ ବ୍ଲକ୍‌ର ଦୁର୍ଗୀ ଗାଁ । ଏଠାରେ ପୂଜକ କେ. ବିଶ୍ୱନାଥ ବାସ କରନ୍ତି। ତାଙ୍କର ସାନ ଝିଅ ସୁମିତ୍ରା। ପିଲା ଦିନେ ସୁମିତ୍ରାଙ୍କୁ ଜ୍ୱର ହୋଇଥିଲା। କିନ୍ତୁ ଏହା ଭଲ ହୋଇ ନ ଥିଲା। ସେବେଠୁ ସେ ମାନସିକ ବିକଳାଙ୍ଗ ହୋଇଯାଇଛନ୍ତି। ୧୭ ବର୍ଷ ଧରି ନାବାଳିକା ସୁମିତ୍ରା ଘର ଭିତରେ ଏକ ପ୍ରକାର ବନ୍ଦୀ ଜୀବନ ବିତାଉଛନ୍ତି। ମା'ବାପା ମାନସିକ ବିକାର ଗ୍ରସ୍ତ ସୁମିତ୍ରାଙ୍କ ଲାଳନପାଳନ ପାଇଁ ଚିନ୍ତାରେ ପଡ଼ିଛନ୍ତି। ବିଶ୍ୱନାଥ ବହୁ କଷ୍ଟରେ ତିନି ଝିଅଙ୍କ ବାହାଘର କରିଦେଇଛନ୍ତି। ଝିଅଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ତାଙ୍କ ପାଖରେ ଅର୍ଥ ବାଧକ ସାଜିଛି। ଝିଅ ବାହାରକୁ ଗଲେ ବିଶୃଙ୍ଖଳା ସୃଷ୍ଟି କରୁଛି। ଏପରି କି ଅନେକ ଲୋକଙ୍କୁ ମଧ୍ୟ ନାନା ପ୍ରକାର ହଇରାଣ ହରକତ କରୁଛି। ଏଥିପାଇଁ ବିଶ୍ୱନାଥ ତାଙ୍କୁ ବାହାରକୁ ନ ଛାଡି ଘରେ ଦଉଡିରେ ବାନ୍ଧି ରଖୁଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁଲାମ ମକସୁଦ୍‌ଙ୍କ ଦୃଷ୍ଟି ଗୋଚର କରାଯିବାରୁ, ସହାୟତା କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ସୁମିତ୍ରାଙ୍କ ଉଚ୍ଚ ଚିକିତ୍ସା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ସୁମିତ୍ରାଙ୍କୁ ଦଉଡ଼ିରେ ବନ୍ଧା ଯାଇଛି ।

## ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ

ଜେକେପୁର, ୧୭।୯(ଡ଼ି.ଏନ.ଏ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାୟଗଡା ଶାଖା ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଜେକେପୁର ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଗୋପୀ ଆନନ୍ଦ ମୁଖ୍ୟଅତିଥି, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ନଟବର ମହାନ୍ତି ମୁଖ୍ୟବକ୍ତା ଯୋଗ ଦେଇଥିଲେ । ଜଗନ୍ନାଥ ଦାସଙ୍କ ସାହିତ୍ୟ କୃତି ବିଷୟରେ ଆଲୋଚନା କରିବା ସହ ଆଜିର ଦିନରେ ଭାଗବତଟୁଙ୍ଗୀର ପ୍ରାସଙ୍ଗିକତା ଉପରେ ଅତିଥିମାନେ କହିଥିଲେ । ସରସ୍ୱତୀ ଶିଶୁମନ୍ଦିରର ସଭାପତି କୃଷ୍ଣଚନ୍ଦ୍ର ସୁମନ୍ତ ଉତ୍ସବରେ ଅଧକ୍ଷତା କରିଥିଲେ । ଅଧ୍ୟାପକ ଭବାନୀଶଙ୍କର ଦାସ ଓଡିଆ ଜନଜୀବନରେ ଓଡିଆ ଭାଗବତର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ । ସତ୍ୟନାରାୟଣ ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ତ୍ରିବିକ୍ରମ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ନୀଳାମ୍ବର ମିଶ୍ର, ହଳଧର ମିଶ୍ର, ପୁଷ୍ପଲତା ପାତ୍ର ପରିଚାଳନା କରିଥିଲେ ।

# ସାହିତ୍ୟ ସଂସ୍କୃତି ଅନୁଷ୍ଠାନର ସମାରୋହ ନେଇ ବୈଠକ

ଗୁଣପୁର,୧୭।୯(ଡ଼ି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ ବ୍ରହ୍ମକଳ୍ପ ସାହିତ୍ୟ ସଂସ୍କୃତି ଅନୁଷ୍ଠାର ଉଦଘାଟନୀ ଉତ୍ସବ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ । ଏଥିଲାଗି ରବିବାର ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୀମାଞ୍ଚଳ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦୁର୍ଗା ପ୍ରସାଦ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତାପ ରାୟ ଆଭିମୂଖ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ କମିଟି ଗଠନ ହୋଇଥିଲା । ସାଙ୍ଗଠନିକ କମିଟିରେ ଅକ୍ଷୟ ଦାସ, ସୂର୍ଯ୍ୟ ରଥ, ପ୍ରଭାତ ଶତପଥୀ, ପ୍ରତାପ ରାୟ, ସୁରେନ୍ଦ୍ର ମହାନ୍ତି, ରମେଶ ଲିମା , ଅଭ୍ୟର୍ଥନା କମିଟିରେ କୈଳାସ ଦାସ, ପ୍ରଭାତ ମହାପାତ୍ର, ବଂଶୀଧର ସେଠୀ, ସନ୍ତୋଷ ମିଶ୍ର, ସମ୍ବର୍ଦ୍ଧନା କମିଟିରେ ସହଦେବ ରଥ, ନରସିଂହ ଦାସ, କୃଷ୍ଣ ସେନାପତି, ଲଳିତ ଚୌଧୁରୀ, ବିମଳ ମିଶ୍ର, ମଞ୍ଚ ପରିଚାଳନା କମିଟିରେ ନିଳମାଧବ ଦାସ, ଦୁର୍ଗା ଶତପଥୀ, କମଳାକାନ୍ତ ଖୁଣ୍ଟିଆ, ରାମ ଗୌଡ, ସୁନୀଲ ଗୌଡ, ଖାଦ୍ୟ ପରିଚାଳନାରେ ଉମା ଦାସ, ସନ୍ତୋଷ ଗୁରୁ, ନରିସଂହ ଶତପଥୀଙ୍କୁ ଚୟନ କରାଯାଇଥିଲା । ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବାବେଳେ ୬୫ରୁ ଉର୍ଦ୍ଧ୍ୱ କବି ,ଲେଖକ ଏବଂ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଅନୁଷ୍ଠାନର ଲୋଗୋସହ ଡ.ପ୍ରଦୀପ ଚୌଧୁରିଙ୍କ ରାଜଚକ୍ର ପୁସ୍ତକ ଲୋକାର୍ପିତ ହେବ । ଏଥିରେ ରମେଶ ମିଶ୍ର ଏବଂ ଅଶ୍ୱିନି ତ୍ରିପାଠୀ ଉପସ୍ଥିତ ଥିଲେ।। ଶେଷରେ ପ୍ରଭାତ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ୪ କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଟିକିରି,୧୭।୯(ଡ଼ି.ଏନ.ଏ)

କଳାହାଣ୍ଡି ଜିଲା ଜୁନାଗଡସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ସମ୍ଭାଗସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୪ ଜଣ ପୁରସ୍କୃତ ହୋଇଛନ୍ତି । ସେମାନଙ୍କୁ ସୋମବାର ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁମା ତପସ୍ୱିନୀ ବେହେରାଙ୍କ ନେତୃତ୍ୱରେ ୯ ଜଣ ଛାତ୍ରୀଛାତ୍ର ଖେଳିବାକୁ ଯାଇଥିଲେ। ସେଥିମଧ୍ୟରୁ ଜିତେନ୍ଦ୍ର ମାଝି, ଗୋବିନ୍ଦ ଦୋରା, ଉମାକାନ୍ତ ମିଶ୍ର ଓ ନିବେଦିତା ମାଝି ପୁରସ୍କୃତ ହୋଇଛନ୍ତି। ଉକ୍ତ ୪ ଜଣ ଆସନ୍ତା ୧୪ ତାରିଖରେ ବାଲେଶ୍ୱରସ୍ଥିତ ନାତିଖମ୍ଭ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଆୟୋଜିତ ହେବାକୁ ଥିବା ପ୍ରାନ୍ତ କ୍ରୀଡ଼ାରେ ଭାଗ ନେବେ ।



ଗୁରୁମାଗୁରୁଜୀଙ୍କ ସହ କୃତୀ ଛାତ୍ରୀଛାତ୍ର ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର

ଜେକେପୁର, ୧୭।୯(ଡି.ଏନ୍.ଏ)

ସଦର ବ୍ଲକ୍‌ର ଉଗ୍ରତାରା ନୋଡାଲ ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ହାଇସ୍କୁଲ ପ୍ରଧାନଶିକ୍ଷକ ଧୀରେନ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏଥିରେ ଉଗ୍ରତାରା ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ନେହା ଦଣ୍ଡସେନା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କୃତୀ ପ୍ରତିଯୋଗୀ ମା' ମାର୍କମା ହାଇସ୍କୁଲରେ ଆସନ୍ତା ୧୯ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ସେମିନାରରେ ଯୋଗ ଦେବେ।

# ବାର୍‌ହା ଆକ୍ରମଣରେ ଜଣେ ଆହତ

ମୁନିଗୁଡ଼ା,୧୭।୯(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ନିଆଳି ଗ୍ରାମରେ ବାର୍‌ହା ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ଜଗାରାମ ପ୍ରାସ୍କା । ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ବିଷମକଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ନିଜ ବିଲକୁ କାମ କରିବାକୁ ଯାଉଥିବା ବେଳେ ହଠାତ ଏକ ବାର୍‌ହା ଆସି ତାଙ୍କୁ ଆକ୍ରମଣ କରିଥିଲା।। ସେ କୌଶଳକ୍ରମେ ସେଠାରୁ ଖସି ଏକ ଗଛ ଉପରେ ଚଢିଯାଇଥିଲେ । ଚିତ୍କାର କରିବାରୁ ଆଖପାଖରେ ଥିବା ଲୋକେ ଘଟଣାସ୍ଥଳରେ ପହଞ୍ଚିବାରୁ ବାର୍‌ହା ଦୌଡ଼ି ପଳାଇଥିଲା । ଲୋକେ ଜଗାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।




ମୁନିଗୁଡ଼ା ବିଦ୍ୟୁତ୍ କାର୍ଯ୍ୟାଳୟ ।



ରାୟଗଡ଼ା ପିଏଚ୍‌ଡି ଅଫିସ ।




ରାୟଗଡ଼ା ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ।



ଗୁଣପୁର ଜିଆଇଟି ପୂଜାମଣ୍ଡପ ।



ଟିକିରି ସାଉଥ୍‌କୋ କାର୍ଯ୍ୟାଳୟ ।



ଗୁଣପୁର ପିଏଚ୍‌ଡି କାର୍ଯ୍ୟାଳୟ ।



ରାୟଗଡ଼ା ସାଉଥ୍‌କୋ କାର୍ଯ୍ୟାଳୟ ।

# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ପାଳିତ

ରାୟଗଡା ଅଫିସ/ଟିକିରି/ ଜେକେପୁର/ମୁନିଗୁଡ଼ା,୧୭।୯

ରାୟଗଡା ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି । ରାୟଗଡା ସହରରେ ଟେଲିଫୋନ୍ ଏକ୍ସଚେଞ୍ଜ, ସାଉଥ୍‌କୋ କାର୍ଯ୍ୟାଳୟ, ପିଏଚ୍‌ଡି କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଥିଲା । ପୂଜା ମଣ୍ଡପ ଗୁଡିକରେ ବଡ଼ ବଡ଼ ତୋରଣ ସହ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି । ପୂଜା ମଣ୍ଡପରେ ବିଶ୍ୱକର୍ମାଙ୍କୁ ଦର୍ଶନ କରିବା ନିମନ୍ତେ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି । ସେହିପରି କାଶୀପୁର ବ୍ଲକ ଟିକିରିର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ସୋରିଷପଦର ନିକଟରେ ଥିବା ସାଉଥକୋ ବିଦ୍ୟୁତ୍ ସବଷ୍ଟେଶନରେ ଆୟୋଜିତ ପୂଜାରେ ଏସ.ଏସ କର, ବଳରାମ ମିଶ, ବାଲାଜି ବାବୁ, ଭଗତ ବେହେରା, ସଞ୍ଜୀବ ହିକ୍‌କା,ସଞ୍ଜୀବ ମାଝି ଉପସ୍ଥିତ ରହିଥିଲେ। ଉତ୍କଳ ଆଲୁମିନାରେ ମଧ୍ୟ ବିଶ୍ୱକର୍ମା ପୂଜା ପାଳିତ ହୋଇଛି । ସେହିପରି କୋଲନରା ବ୍ଲକ ଅନ୍ତର୍ଗତ ଥେରୁବାଲିଠାରେ ଥିବା ଇମ୍ଫା କାରଖାନାରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ପୂଜାରେ କାରଖାନା ଉପସଭାପତି ତଥା ପୂଜା କମିଟି ଅଧକ୍ଷ କେ.ଭି.ରାଓ, ସଭାପତି ଅଜୟ କୁମାର ବେଉରିଆ ଓ ଲୋକ ସମ୍ପର୍କ ଅଧିକାରୀ ଶକ୍ତିପ୍ରସାଦ ପାଣିଗ୍ରାହୀ,ସହାୟକ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ସିଂଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମୁନିଗୁଡ଼ାର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ମୁନିଗୁଡ଼ା ଡ଼ିପ୍ଲୋମା ଜେଇ ସଂଘ, ବିଦ୍ୟୁତ୍ ବିଭାଗ, ପାନୀୟଜଳ ବିଭାଗ, ମହାରଣା ସଂଘ,ସୁନାରୀ ସଂଘ, ରାଜମିସ୍ତ୍ରି ସଂଘ ସହ ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି । ଏଥିସହ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।